## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ସୋର, ୧୯।୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତା ବ୍ରାହ୍ମଣସାହି ଠାରେ ଥିବା ପୁରାତନ କ୍ରଶରଛକଠାରେ ଏକ ପିକ୍ଅପ ଗାଡ଼ିରୁ କାଠ ଲୋଡ୍ କରୁଥିବା ବେଳେ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସମ୍ପୃକ୍ତ ଶ୍ରମିକ ଜଣକ ପିକ୍ଅପ୍ ଗାଡ଼ିରୁ କାଠ ବାହାର କରୁଥିବା ବେଳେ ତାଙ୍କ ଦେହରେ ୩୩କେଭିର ବିଦ୍ୟୁତ୍ ତାର ଲାଗି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

### ଶିକ୍ଷକଙ୍କ ଆକାଉଣ୍ଟରୁ ୪୦ହଜାର ଗାଏବ୍

**ସୋର, ୧୯।୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଥାନେଶ୍ୱର ଗ୍ରାମର ଜଣେ ଶିକ୍ଷକ ଭାଗିରଥୀ ବେହେରାଙ୍କ ଷ୍ଟେଟ୍ ବ୍ୟାଙ୍କ ଆକାଉଣ୍ଟରୁ କେହି ଦୁଇ ଥରରେ ୪୦ ହଜାର ଟଙ୍କା ଉଠାଇ ନେଇଥିବା ସେ ସୋର ଥାନାରେ ଅଭିଯୋଗ କରିଛନ୍ତି। ସୋମବାର ରାତି ୧୧ଟା ୪୮ରେ ତାଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା ଉଠା ଯାଇଥିବା ବେଳେ ତାର ୩୦ ମିନିଟ ପରେ ପୁଣି ୨୦ହଜାର ଟଙ୍କା ଉଠାଇ ନିଆଯାଇଥିବା ସେ ଅଭିଯୋଗ କରିଛନ୍ତି।

### ରକ୍ତଦାନ ଶିବିର



**ବାଲେଶ୍ୱର ଅଫିସ,୧୯।୨:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ 'ଜୀବନ ବିନ୍ଦୁ' ରକ୍ତଦାନ ଶିବିର ଅନୁଷ୍ଠିତ ହେଉଥିବା ବେଳେ ମଙ୍ଗଳବାର ବାଲେଶ୍ୱରର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜିଲାସଭାପତି ସିମନ୍ ଦାସମହାପାତ୍ରଙ୍କ ନେତୃତ୍ୱରେ ଘରୋଇ ହୋଟେଲ୍ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହୀତ କରାଯାଇଥିଲା। ଶିବିରରେ ଜୀବନବିନ୍ଦୁର ରାଜ୍ୟ ସଂଯୋଜକ ତଥା ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲା ସଂଯୋଜକ ଆଶିଷ ଘୋଷ, ଏମ୍ପି ନଗର ପ୍ରତିନିଧି ମନୋଜ କୁମାର ରାଉତ, ଯୁବନେତା ଦୀପକ କୁମାର ମଲ୍ଲିକ, ଯୁବସଭାପତି ଶୁଭେନ୍ଦୁ ମଙ୍ଗରାଜ, ଯୁବନେତା, ଶିକ୍ଷାବିତ୍, ବିଦୁବେନ୍ଦୁ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟାଉନ୍ ସଭାପତି ବ୍ରଜ କିଶୋର ପ୍ରଧାନ, ମହାସଚିବ କୁଶାଳ ଚାଟାର୍ଜୀ, ସଦର ସଭାପତି ଭବାନୀ ଶଙ୍କର ପଣ୍ଡା, ଉପସଭାପତି ବିଜୟ ଜେନା, ଅଜୟ ବେହେରା, ରଶ୍ମିରଞ୍ଜନ ପ୍ରଧାନ, ଶୁଭମ୍ ସାଇ ମହାପାତ୍ର, ସାଧାରଣ ସମ୍ପାଦକ କିରଣ ନାଥ, ଦେବଶ୍ରୀ ମହାନ୍ତି, ଚନ୍ଦନ ଦାସ, ଦେବବ୍ରତ ଭୂୟାଁ, ବିକ୍ରମ କେଶରୀ ସାମଲ, ରାହୁଲ ନାୟକ, ସ୍ୱୟଂ ଆଚାର୍ଯ୍ୟଙ୍କ ସମେତ ବହୁ ଛାତ୍ରନେତା ସହଯୋଗ କରିଥିଲେ।

### ତୁଡିଗଡିଆରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



**ଖଇରା,୧୯।୨(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ତୁଡିଗଡିଆ ଗାୟତ୍ରୀ ଶକ୍ତିପୀଠ ପରିସରରେ ୧୩ ଓ ୧୪ ଦୁଇଦିନ ଧରି ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ କାହ୍ନୁଚରଣ ଶତପଥୀ ଧର୍ମଧ୍ୱଜା ଉତ୍ତୋଳନ କରିଥିଲେ। ପରେ ୩ଶହରୁ ଉର୍ଦ୍ଧ ମହିଳାଙ୍କର ଏକ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ବିଶିଷ୍ଟ ଗାୟତ୍ରୀ ସାଧକ ରବିନାରାୟଣ ପତି ଓ ସହଯୋଗୀ ଯଜ୍ଞ, ସଂସ୍କାର ଓ ପ୍ରବଚନ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ତୁଡିଗଡିଆ ଶକ୍ତିପୀଠର ବ୍ୟବସ୍ଥାପକ କୈଳାସ ଚନ୍ଦ୍ର ପୃଷ୍ଟି, ସୁଦର୍ଶନ ବେହେରା, ସୂର୍ଯ୍ୟନାରାୟଣ ଖଣ୍ଡେଲୱାଲ, କରୁଣାକର ମଲ୍ଲିକ, ଗଣେଶ ଚନ୍ଦ୍ର ସାହୁ, ରତ୍ନାକର ମାଝ ପ୍ରମୁଖ ଦୁଇ ଦିନିଆ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# '୬ ଅମୃତଧାରା କେନ୍ଦ୍ର ଉଦ୍‌ଘାଟନ'

**ବାଲେଶ୍ୱର ଅଫିସ,୧୯।୨**

ବାଲେଶ୍ୱର ମୁଖ୍ୟଚିକିତ୍ସାଳୟ ପରିସରରେ ମାରୱାଡ଼ି ଯୁବା ମଞ୍ଚ ଜିଲା ଶାଖା ପକ୍ଷରୁ ନବନିର୍ମାଣ ୬ଟି ଅମୃତଧାରା କେନ୍ଦ୍ରକୁ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରି ଜଗନ୍ନାଥଙ୍କ ସେବା ପରି ଅମୃତଧାରା କାର୍ଯ୍ୟକ୍ରମକୁ ରାଜ୍ୟସାରା ତ୍ୱରାନ୍ୱିତ କଲେ ମାରୱାଡ଼ି ସମାଜର ପ୍ରକୃତ ସେବାର ପରିଚୟ ସୃଷ୍ଟି ହେବ ବୋଲି ବକ୍ତବ୍ୟ ରଖିଥିଲେ। ସାମଗ୍ରିକ ସହାୟକ ନିମନ୍ତେ ସହରର ଟାଉନ୍ ଥାନା, ପରମିଟ୍ ପଡ଼ିଆ, ସିନେମାଛକ, ଷ୍ଟେଟ୍ ବ୍ୟାଙ୍କ, ଆଞ୍ଚଳିକ ପରିବହନ ଅଫିସ, ଗାନ୍ଧୀ ସ୍ମୃତି ଭବନ ସମ୍ମୁଖରେ ଏହି ଅମୃତଧାରା କେନ୍ଦ୍ର ସଙ୍ଗଠନ ପକ୍ଷରୁ କରାଯାଇଛି।

ଆୟୋଜିତ ଉତ୍ସବରେ ମାରୱାଡ଼ି ଯୁବା ମଞ୍ଚ ସଭାପତି ସଞ୍ଜୀବ ଅଗ୍ରୱାଲ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମୋହିତ ପୋଦାର ପ୍ରାରମ୍ଭିକ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ନୀଳଗିରି ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭାଜପା ଜିଲାସଭାପତି ମଦନ ମୋହନ ଦତ୍ତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅମୃତଧାରା ସମ୍ପର୍କରେ ସୂଚନା ଦେଇଥିଲେ। ରାଜକୁମାର ଜୀ ପୋଦାର, ପ୍ରେମାନନ୍ଦ ଶାହା, ଶିବୁ ପୋଦାର, ମୋତିଲାଲ ଜୀ ଡିଡୱାନିଆ, ଗିରିଶ ମୋଦି, ବିମଲ ଅଗ୍ରୱାଲ, ଶିପି ଭରତିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଅମୃତଧାରା କେନ୍ଦ୍ରକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରୁଛନ୍ତି।

## ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଜ୍ୟପାଳ

### ପିଲାଙ୍କ ମୁହଁରୁ ହସ ଛଡ଼ାଅ ନାହିଁ

**ନୀଳଗିରି, ୧୯।୨(ଡି.ଏନ.ଏ.)**

ନୀଳଗିରି ଥାନା ସାନ ପାଟପୁର ହାଇସ୍କୁଲ ପରିସରରେ 'ମୋ ବିଦ୍ୟାଳୟ ପ୍ରତିଭା ସମ୍ମାନ' ଏବଂ ସହର ଉପକଣ୍ଠରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଉଭୟ ସ୍କୁଲର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟପାଳ ଗଣେଶୀ ଲାଲ। ଏଥିଲାଗି ମଧ୍ୟାହ୍ନରେ ରାଜ୍ୟପାଳ ପଞ୍ଚଲିଙ୍ଗେଶ୍ୱର ପାନ୍ଥ ନିବାସରେ ପହଞ୍ଚିଥିଲେ। ଅପରାହ୍ନରେ ସାନପାଟପୁର ହାଇସ୍କୁଲ ପରିସରରେ ଆୟୋଜିତ 'ମୋ ବିଦ୍ୟାଳୟ ପ୍ରତିଭା ସମ୍ମାନ ଉତ୍ସବ'କୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ଆଦର୍ଶ ଛାତ୍ରହେବା ସହ ଦେଶ ଗଠନରେ ଭୂମିକା ନିର୍ବାହ ସମ୍ପର୍କରେ ରାଜ୍ୟପାଳ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ରାଜ୍ୟପାଳଙ୍କୁ ଗଣେଶ ମୂର୍ତ୍ତି, ଶାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ସ୍ଥାନୀୟ ଉପଜିଲାପାଳ ବିଶାଳ ସିଂ ଯୋଗ ଦେଇ ନିଜର ମତବ୍ୟକ୍ତ କରିଥିଲେ। ଉତ୍ସବରେ ୨୭ଜଣ ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସହର ଉପକଣ୍ଠ ଶିଶୁମନ୍ଦିରର ଷୋଡଶବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ପିଲାଙ୍କ ମୁହଁରେ ହସଦିଅ, ଛଡାଅ ନାହିଁ ବୋଲି ବ୍ୟକ୍ତ କରିଥିଲେ। ଏଥିସହ ଶିଶୁମନ୍ଦିରକୁ ୫ଲକ୍ଷଟଙ୍କାର ଅନୁଦାନ ଘୋଷଣା କରିଥିଲେ। ରାତିରେ ବାଲେଶ୍ୱରରେ ରାଜ୍ୟପାଳଙ୍କର ରହିବାର ବ୍ୟବସ୍ଥା ହୋଇଛି। ବୁଧବାର ରତ୍ନାକର ଟାଉନ ହାଇସ୍କୁଲ ସମେତ ତରତରି ବାଳିକା ବିଦ୍ୟାଳୟ ଓ ସାରୁପାଳର ଏକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ହିରକ ଜୟନ୍ତୀ

# 'ଈଶ୍ୱରଙ୍କ ଅନୁଭବର ଭୂମି ଭାରତ'

**ବାହାନଗା,୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ଜାଗେଶ୍ୱରପଦାସ୍ଥିତ ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଗଣେଶି ଲାଲ୍ ଯୋଗଦେଇ 'ଈଶ୍ୱରଙ୍କ ଅନୁଭବର ଭୂମି ଭାରତ' ବୋଲି ବ୍ୟକ୍ତ କରିଥିଲେ। ଏଥିସହ ବିଭିନ୍ନ ଭାରତୀୟ ସଂସ୍କୃତି ଉପରେ ମଧ ଆଲୋକପାତ କରିଥିଲେ ରାଜ୍ୟପାଳ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇ ଆମ ଭାଷାକୁ ବଞ୍ଚାଇବାକୁ ହେଲେ ସଂସ୍କୃତ ଭାଷାକୁ ବଞ୍ଚାଇବାକୁ ପଡିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରର ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇ ହିମାଳୟ କେବେ ବୃଦ୍ଧ ହେବ ନାହିଁ କି ସଂସ୍କୃତ ଭାଷାର ମୃତ୍ୟୁ ହେବ ନାହିଁ ବୋଲି କହିଥିଲେ। ଏଥିରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଉପଜିଲାପାଳ ତଥା ମହାବିଦ୍ୟାଳୟର ସଭାପତି ନିଲୁ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟପାଳଙ୍କୁ ତାଳପତ୍ରର ଏକ ପୋଥି ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ହରିହର ପଣ୍ଡାଙ୍କ ପ୍ରତିମୂର୍ତ୍ତିକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ ସହଯୋଗ କରିଥିଲେ।



ଖଣ୍ଟାପଡ଼ା ମହିଳା କଲେଜରେ ରାଜ୍ୟପାଳଙ୍କ ସହ ଉପସ୍ଥିତ ଛାତ୍ରୀଛାତ୍ର।

# ପଞ୍ଚାୟତଗୃହ ନିର୍ମାଣ ଦାବିରେ ଧାରଣା

**ଭୋଗରାଇ,୧୯।୨(ଡି.ଏନ.ଏ.)**

ଭୋଗରାଇ ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତ ନୂତନ ଗୃହନିର୍ମାଣ ପାଇଁ ଦାବି କରି ମଙ୍ଗଳବାର ପଞ୍ଚାୟତର ସରପଞ୍ଚ ଓ ସଦସ୍ୟଙ୍କ ନେତୃତ୍ୱରେ ବହୁ ସମର୍ଥନକାରୀ ଭୋଗରାଇ ବ୍ଲକ ସମ୍ମୁଖରେ ପ୍ରତୀକ ଧାରଣା ଦେଇଥିଲେ। ଭୋଗରାଇ ତହସିଲଦାର ନିର୍ଦ୍ଦିଷ୍ଟ ସ୍ଥାନରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ କରିସାରିଥିଲେ ମଧ ୨ବର୍ଷ ଧରି କାର୍ଯ୍ୟ ହୋଇପାରୁ ନ ଥିବାରୁ ପଞ୍ଚାୟତର ସରପଞ୍ଚ ସମିତିସଦସ୍ୟ ଓ ପଞ୍ଚାୟତବାସୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତୀକ ଧାରଣାରେ ବସିଥିବା ସରପଞ୍ଚ ସୁସ୍ମିତା ପାତ୍ର, ସମିତିସଦସ୍ୟ ଗୁଣାଧର ଜେନା ସହିତ ବହୁ ଆନ୍ଦୋଳନକାରୀଙ୍କ ସହିତ ବିଡିଓ ଦୀପ୍ତିରଞ୍ଜନ ସେଠୀ ଆଲୋଚନା କରି ଖୁବ୍‌ଶୀଘ୍ର ପଞ୍ଚାୟତଗୃହ ନିର୍ମାଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ।



ଆନ୍ଦୋଳନକାରୀଙ୍କ ସହ ବିଡିଓଙ୍କ ଆଲୋଚନା।

### ରାସ୍ତା ଜବରଦଖଲ ଉଚ୍ଛେଦ ଦାବି

**ସୋର, ୧୯।୨(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ୧୧ନମ୍ବର ୱାର୍ଡରେ ଜମିକୁ ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ତରଫରୁ ସୋର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ୱାର୍ଡ଼ର ପରିଡ଼ାସାହି ଓ ଦାସସାହିର ୫୦ ପରିବାରରୁ ଉର୍ଦ୍ଧ୍ୱ ପରିବାରର ଲୋକେ ଯାତାୟତ କରିଥାନ୍ତି। ବିଶେଷ କରି ଉକ୍ତ ରାସ୍ତାରେ ଦମକଳ, ଆମ୍ବୁଲାନ୍ସଗାଡ଼ି ଯାତାୟତରେ ବାଧା ସୃଷ୍ଟି କରିଥାଏ। ଉକ୍ତ ରାସ୍ତାରେ ପକ୍କା ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି। ଗ୍ରାମର ଜନାର୍ଦ୍ଦନ ପରିଡ଼ା, ରମଣି ପରିଡ଼ା, ବାସୁଦେବ ପରିଡ଼ା, ରାଧାଶ୍ୟାମ ଦାସ ପ୍ରମୁଖ ଶୋଭାଯାତ୍ରାରେ ଆସି ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଠାରେ ପ୍ରଦାନ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

# ୭୫ୟୁନିଟ୍ ରକ୍ତ ସଂଗୃହୀତ

**ସିମୁଳିଆ, ୧୯।୨(ଡି.ଏନ.ଏ.)**

ସିମୁଳିଆ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା ଏବଂ ଭାରତ ସ୍କାଉଟ ଓ ଗାଇଡ ଦ୍ୱାରା ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟର ଡ. ମହେଶ ବିଶ୍ୱାଳଙ୍କ ଓ ଅକ୍ଷୟ ଜେନାଙ୍କ ଟିମ୍ ସହାୟତାରେ ୭୫ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଚଳିତବର୍ଷ ଛାତ୍ରମାନଙ୍କ ଅପେକ୍ଷା ଛାତ୍ରୀମାନେ ଅଧିକ ରକ୍ତଦାନ କରିବା ପାଇଁ ଆଗ୍ରହ ପ୍ରକାଶକୁ ସାଧାରଣରେ ପ୍ରଶଂସା କରାଯାଇଥିଲା। ଛାତ୍ରୀଛାତ୍ରମାନେ ଦେଶ ଓ ଦେଶର ଯବାନମାନଙ୍କ ପାଇଁ ନିୟମିତ ରକ୍ତଦାନ କରିବେ ବୋଲି ମତପ୍ରକାଶ କରିଥିଲେ। ରେଡକ୍ରସ କାଉନସିଲର ଅଧ୍ୟାପକ ମାନସ କୁମାର ସାହୁ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧାପକ ବାବୁରାମ ଜେନା, ଅଧାପିକା ଲୋପାମୁଦ୍ରା ଜେନା, ଭାରତ ସ୍କାଉଟ ଓ ଗାଇଡର ଅଧିକାରୀ ଅଧାପକ ଉମାକାନ୍ତ ନାୟକ, ବାଇଧର ମହାକୁଡ, ନିରଞ୍ଜନ ସାମଲ ପ୍ରମୁଖ ଶିବର ପରିଚାଳନା ଦାୟିତ୍ୱରେ ଥିଲେ। କଲେଜର ଅଧକ୍ଷ ଡ. ଅଜୟ କୁମାର ପଣ୍ଡା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ।



ରକ୍ତଦାନ ଶିବିରରେ ଛାତ୍ରୀମାନେ ରକ୍ତଦାନ କରୁଛନ୍ତି।

# ଜନଜାତିଙ୍କ ଦ୍ୱାରା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ସଜନାଗଡ଼,୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ମହିଷାପଟା ପଞ୍ଚାୟତ ନିକଟସ୍ଥ ସ୍ୱର୍ଣ୍ଣଚୁଡ଼ ପାହାଡ଼ ଏବଂ ତତ୍‌ସଂଲଗ୍ନ ଜଙ୍ଗଲର ଅପରୂପ ବଣମୂଳକର ଭୂମିକା ଆଦିବାସୀ ଚିତ୍ରକଳା ସଂସ୍କୃତିର ଅନୁଷ୍ଠାନ 'ବଣ ଧୂଳିର ଫୁଲ' ପକ୍ଷରୁ ପୁଲୱାମା ଶହୀଦମାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଷାପଟା ପଞ୍ଚାୟତର ସରପଞ୍ଚ ସୁକୁମାରୀ ସିଂ ପୌରୋହିତ୍ୟ କରିଥିବାବେଳେ ସାମାଜିକ କର୍ମୀ ରତୁପର୍ଣ୍ଣା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସ, ସାମାଜିକ କର୍ମୀ ଅସିତ୍ ପ୍ରଧାନ, ସ୍ୱଚ୍ଛଳା ମହାପାତ୍ର, ସୁଧୀର ତ୍ରିପାଠୀ, ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାକୁ 'ବଣ ଧୂଳିର ଫୁଲ'ର ଅଧକ୍ଷ ବିଜୟ କୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ। ତୃଷ୍ଟି ବାଇଧର ସିଂ, ଗୋଲକ ସିଂ, ଶାଳବଣି ଭୂମିଜ ଆଦିବାସୀ ନୃତ୍ୟମଣ୍ଡଳୀର କଳାକାରମାନେ ଏବଂ ଗ୍ରାମବାସୀ ଯୋଗଦାନ କରି ନୀରବ ପ୍ରାର୍ଥନା କରିବାସହ ଶହୀଦ ଶିଳାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

### ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ଦୂରତାକୁ ବିରୋଧ

# ସ୍କୁଲ ବାରଣ୍ଡାରେ ଧାରଣା ଦେଲେ ଛାତ୍ରୀଛାତ୍ର

**ଭୋଗରାଇ,୧୯।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନୃସିଂହନାଥ ହାଇସ୍କୁଲର ୫୦ ମାଟ୍ରିକ୍ ପରୀକ୍ଷାର୍ଥୀ ପରୀକ୍ଷାକେନ୍ଦ୍ର ଦୂରତାକୁ ବିରୋଧ କରି ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ରାତି ୮ଟା ସୁଦ୍ଧା ସ୍କୁଲ ବାରଣ୍ଡାରେ ଧାରଣାରେ ବସିଛନ୍ତି। ଧାରଣାରତ ଜଣେ ଛାତ୍ରୀ ସଜ୍ଞାହୀନ ହୋଇପଡ଼ିବାରୁ ସ୍ଥାନୀୟ ଡାକ୍ତରଖାନାରେ ତାଙ୍କୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା। ପରେ ତାଙ୍କୁ ଚିକିତ୍ସା ଯାଇ ଡାକ୍ତରଖାନାରୁ ଛଡ଼ା ଯାଇଛି ବୋଲି ଡାକ୍ତର ପ୍ରକାଶ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ଦେଖାଦେଇଛି। ଘଟଣାସ୍ଥଳକୁ ବିଡିଓ, ବିଇଓ ଏବଂ ଏବିଇଓ ସଦଳବଳେ ଯାଇଥିବା ବେଳେ କୌଣସି ସମାଧାନର ସୂତ୍ର ନ ବାହାରିବାରୁ ସେଠାରୁ ଫେରିଛନ୍ତି। ଛାତ୍ରୀଛାତ୍ରଙ୍କ ସହିତ ଅଭିଭାବକମାନେ ଧାରଣାରତ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଜଗି ବସିଛନ୍ତି। ସୂଚନା ଯେ, ଆସନ୍ତା ୨୨ ତାରିଖ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। କିନ୍ତୁ ଶିକ୍ଷାବିଭାଗଙ୍କ ଗାଇଡ୍‌ଲାଇନ୍ ଅନୁସାରେ ୩ରୁ ୫ କି.ମି. ବ୍ୟବଧାନରେ ପରୀକ୍ଷାକେନ୍ଦ୍ର ନିରୂପଣ ହୋଇଥିବା ବେଳେ ଏହି ସ୍କୁଲର ପରୀକ୍ଷାର୍ଥୀମାନେ ୨୨କି.ମି. ଦୂର ଭୋଗରାଇ ହେରମଚନ୍ଦ୍ର ଏକାଡ଼େମୀ ପରୀକ୍ଷା କେନ୍ଦ୍ର ହୋଇଥିବାର ଜାଣିବା ପରେ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସମସ୍ୟାର ସମାଧାନ କରା ନ ଗଲେ ବୁଧବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବୁଧବାର ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ବିଦ୍ୟାଳୟ ସମ୍ମୁଖରେ ଧାରଣାରତ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ‘ପାକିସ୍ତାନ ଜିନ୍ଦାବାଦ୍’ କରି ଯୁବକ ହଟହଟା

ବାଲେଶ୍ୱର ଅଫିସ,୧୯।୨: ବାଲେଶ୍ୱର ଫକୀରମୋହନ ଗୋଲେଇ ଛକ ଠାରେ ଜଣେ ଯୁବକ ପାକିସ୍ତାନ ଜିନ୍ଦାବାଦ୍ କହିଥିବାରୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ହଟହଟାର ଶିକାର ହେବାକୁ ପଡ଼ିଛି। ଜମ୍ମୁ-କଶ୍ମୀର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ସୋମବାର ସନ୍ଧ୍ୟାରେ ଫକୀରମୋହନ ଗୋଲେଇ ଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଭାରେ ଲୋକମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଥିବା ବେଳେ ଉକ୍ତ ଯୁବକ ଜଣକ ‘ପାକିସ୍ତାନ ଜିନ୍ଦାବାଦ୍’ ବୋଲି କହିଥିଲେ। ପାଖରେ ଥିବା ଯୁବକମାନେ ଏହା ଶୁଣି ତାଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିବା ପୂର୍ବରୁ ସେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ଉକ୍ତ ଯୁବକଙ୍କୁ ଫକୀରମୋହନ ଗୋଲେଇ ଠାରେ ଦେଖି ସ୍ଥାନୀୟଲୋକେ ଅଟକାଇଥିଲେ। ଘଟଣା ସମ୍ପର୍କରେ ପଚାରିବାରୁ ସେ ବ୍ୟବହାର ଖରାପ କରିଥିଲା। ଫଳରେ ଲୋକେ ଉତ୍ତେଜିତ ହୋଇ ଯୁବକଙ୍କୁ କାନଧରି ଉଠବସ୍ ସହ କିଛି ସମୟ ଆଣ୍ଠେଇ ଦେଇଥିଲେ। ଘଟଣା ପାଇଁ ଭୁଲ୍ ମାଗିବା ସହ ‘ହିନ୍ଦୁସ୍ତାନ ଜିନ୍ଦାବାଦ୍’ ଏବଂ ‘ପାକିସ୍ତାନ ମୁର୍ଦ୍ଦାବାଦ୍’ ବାରମ୍ବାର କହିବା ପରେ ତାଙ୍କୁ ଛାଡ଼ି ଦେଇଥିବା ଘଟଣା ସହରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି।

### ନିର୍ବାଚନ ଡ୍ୟୁଟି ମନା କରିବାରୁ କର୍ମଚାରୀଙ୍କୁ ସମନ

ବାଲେଶ୍ୱର ଅଫିସ,୧୯।୨: ନିର୍ବାଚନ ଡ୍ୟୁଟିକୁ ଅବମାନନା ଯୋଗୁଁ ଦୁଇଜଣ କର୍ମଚାରୀଙ୍କ ନାମରେ ସମନ ଜାରି କରାଯାଇଛି। ସେମାନେ ହେଲେ ଗୋପାଳଗାଁ ସ୍ଥିତ ବାଲେଶ୍ୱର ମହିଳା ମହାବିଦ୍ୟାଳୟ ଅଧ୍ୟାପକ ନିଶିକାନ୍ତ ପଣ୍ଡା, ପ୍ରଥମ ପୁଲିଂ ଅଧିକାରୀ ଏବଂ ଅନ୍ୟ ଜଣକ ହେଲେ ଔପଦା ମହାବିଦ୍ୟାଳୟର ଦ୍ୱାରିକାନାଥ ଶତପଥୀ ପ୍ରିଜାଇଡିଂ ଅଧିକାରୀ। ଉଭୟ ଅଧିକାରୀଙ୍କୁ ନିର୍ବାଚନ ତାଲିମରେ ଯୋଗ ଦେବା ନିମନ୍ତେ ଜିଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଆଦେଶ ପତ୍ର ପ୍ରେରଣ କରାଯାଇଥିଲା। ଆଦେଶପତ୍ର ସମ୍ପୃକ୍ତ ଅଧ୍ୟାପକଙ୍କ ମହାବିଦ୍ୟାଳୟ ଠାରେ ପହଞ୍ଚି ଥିଲା ଏବଂ ଅଧ୍ୟକ୍ଷ ସେମାନଙ୍କୁ ପତ୍ର ଗ୍ରହଣ କରିବା ପାଇଁ କହିଥିଲେ, କିନ୍ତୁ ସେମାନେ ଏହାକୁ ଗ୍ରହଣ କରିବାକୁ ମନା କରିଥିବା ଅଧ୍ୟକ୍ଷ ଜିଲା ନିର୍ବାଚନ କାର୍ଯ୍ୟାଳୟକୁ ଅବଗତ କରିଥିଲେ। ଏହି କର୍ମଚାରୀଦ୍ୱୟ ଫେବୃଆରୀ ୧୫ ତାରିଖରେ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ଏ ସମ୍ବନ୍ଧରେ ଅବଗତ ହେବା ପରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ତାଙ୍କ ନାମରେ ସମନ ଜାରି କରିବାକୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର ଲେଖିଥିଲେ। ଏହି ଘଟଣା ପରେ ଉଭୟ କର୍ମଚାରୀ ଜିଲାପାଳଙ୍କ ନିକଟରେ ହାଜର ହୋଇ କ୍ଷମା ପ୍ରାର୍ଥନା କରି ନିର୍ବାଚନ ଡ୍ୟୁଟିରେ ଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

> ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ମାସେ ମଧ୍ୟରେ ୪ ଭାଲୁ ମୃତ

■ ଘା’ ହୋଇ ମୃତ୍ୟୁ ହେଉଥିବା କହିଲା ବନ ବିଭାଗ



ଦୁଇ ଭାଲୁଙ୍କ ମୃତଦେହ।

ସଜନାଗଡ଼,୧୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ମଙ୍ଗଳବାର ୨ ଭାଲୁଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ୧ମାସ ମଧ୍ୟରେ ୪ ଭାଲୁଙ୍କ ମୃତ୍ୟୁ ଘଟିଲାଣି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସହ ଉଦ୍‌ବେଗ ପ୍ରକାଶ ପାଇଛି। ଅପରପକ୍ଷେ ଭାଲୁଙ୍କ ଶରୀରରେ ଘା’ ହୋଇଥିବାରୁ ତାଙ୍କର ମୃତ୍ୟୁ ଘଟୁଥିବା ବନବିଭାଗ ପକ୍ଷରୁ ପ୍ରକାଶ।

ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତର ଘାଘରାନାଳ ନିକଟରେ ୨ଟି ଭାଲୁଙ୍କ ଗଳିତ ମୃତଦେହ ଦେଖିବାକୁ ମିଳିଛି। ପ୍ରାୟ ୨ ଦିନ ହେବ ଭାଲୁ ୨ଟି ମରି ପଡ଼ିଥିବା ବେଳେ ଏହା ପଚି ଦୁର୍ଗନ୍ଧ ବାହାରୁଥିଲା। ପାଖ ରାସ୍ତାରେ ଯାଉଥିବା ଗ୍ରାମାବାସୀ ଏହା ଦେଖି ବନବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବନବିଭାଗ ପହଞ୍ଚି ଗଳିତ ଭାଲୁଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ ବ୍ୟବଚ୍ଛେଦ କରି ଜାମୁଡିହା ନର୍ସରୀରେ ପୋତି ଦିଆଯାଇଥିବାର ସୂଚନା ମିଳିଛି।

ସୂଚନା ଯେ, ନୀଳଗରି ସ୍ୱର୍ଣ୍ଣଚୂଡ଼ ପାହାଡ଼ ପାଦଦେଶରୁ ଭାଲୁ ଖାଦ୍ୟ ଅନ୍ୱେଷଣରେ ରାତିରେ ତଳକୁ ଆସି ଗ୍ରାମାଭିମୁଖୀ ହୋଇଥାନ୍ତି। ଫଳରେ ରାସ୍ତା ଘାଟରେ ଥିବା ଖାଲଖମା ଏବଂ ଲୋକଙ୍କ ଆକ୍ରମଣରେ ଭାଲୁ ମୃତ୍ୟୁ ଘଟୁଛି। ଉକ୍ତ ଅଞ୍ଚଳରେ ଗତ ୧ମାସ ମଧ୍ୟରେ କାଠଗୋଛି ଠାରେ ଏକ ଭାଲୁ ମରିଥିବା ବେଳେ ପୁଣି ଗତ ୧୭ ତାରିଖରେ ଧୋବଶିଳା ପଞ୍ଚାୟତର ଚଲଣାପାଲରେ ଏକ ଭାଲୁ ମରିଥିଲା। ମଙ୍ଗଳବାର ପୁଣି ଘାଘରାନାଳ ଠାରେ ୨ଟି ଭାଲୁଙ୍କ ମୃତ୍ୟୁ ହୋଇଥିବାର ଦେଖିବାକୁ ମିଳିଛି। ତେବେ ଭାଲୁଙ୍କ ମୃତ୍ୟୁ ପଛରେ କ’ଣ ରହସ୍ୟ ରହିଛି। ତାହାକୁ ତଦନ୍ତ କରି ନୀଳଗିରି ରେଞ୍ଜର ସୁକୁମାର ଦାସ ବିବାଦୀୟ ମନ୍ତବ୍ୟ ଦେବା ସମସ୍ତଙ୍କୁ ଚକିତ କରିଛି। ସରକାରୀ କାର୍ଯ୍ୟରେ କମ୍ ସମୟ ଦେଇ ସଭାସମିତିରେ ଅଧିକ ସମୟ ଦେଇଥିବାର ସାଧାରଣରେ ଶୁଣିବାକୁ ମିଳୁଛି।

ଏ ସମ୍ପର୍କରେ ନୀଳଗିରି ରେଞ୍ଜର ସୁକୁମାର ଦାସଙ୍କୁ ପଚାରିବାରୁ ସେ କହିଲେ, ନୀଳଗିରିରେ ଗୋରୁ, କୁକୁର ଆଦି ମରୁଥିବା ବେଳେ ଭାଲୁ ବି ମରୁଛନ୍ତି। କିନ୍ତୁ ଭାଲୁଙ୍କ ଶରୀରରେ ଘା’ ହୋଇଥିବାର ସୂଚନା ଦେଇଥିଲେ। ଏନେଇ ବାଲେଶ୍ୱର ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କୁ ପଚାରିବାରୁ ଭାଲୁ ମୃତ୍ୟୁ ପଛରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯିବ ବୋଲି କହିଛନ୍ତି।



ଟିଣ ଛପର ଘରେ ପୂଜା ପାଉଛନ୍ତି ବାବା ଭୂଷଣ୍ଡେଶ୍ୱର ମହାଦେବ।

## ଭୂଷଣ୍ଡେଶ୍ୱର ମନ୍ଦିର ନିର୍ମାଣ ପାଇଁ ତତ୍ପରତା

ଭୋଗରାଇ,୧୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ସୁବର୍ଣ୍ଣରେଖା ତୀରରେ ଅବସ୍ଥିତି ଏସିଆର ସର୍ବବୃହତ୍ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ମନ୍ଦିର ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଛନ୍ତି ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର। ଏହି ମନ୍ଦିର ଖୁବ୍‌ଶୀଘ୍ର ନିର୍ମାଣ ନିମନ୍ତେ ସୋମବାର ସନ୍ଧ୍ୟାରେ ମନ୍ଦିର ପରିସରରେ ସର୍ବଦଳୀୟ ବୈଠକ ହୋଇଥିଲା। ଡ. ପାତ୍ରଙ୍କ ପୌରୋହିତ୍ୟରେ ମନ୍ଦିର ନିର୍ମାଣ ପାଇଁ ଶିବରାତ୍ରି ପରଦିନ ଶୁଭାରମ୍ଭ ହେବ ବୋଲି ଉପସ୍ଥିତ ଥିବା ସଦସ୍ୟମାନଙ୍କ ସହମତିରେ ଦିନ ଧାର୍ଯ୍ୟ କରାଯାଇଥିଲା। ସୂଚନାନୁଯାୟୀ ଏହି ପ୍ରସିଦ୍ଧ ଶୈବପୀଠର ମନ୍ଦିର ଦୀର୍ଘବର୍ଷ ଧରି ଭୁଶୁଡ଼ି ପଡ଼ିବାରୁ ଟିଣ ଛପର ଘରେ ମହାଦେବ ପୂଜା ପାଇ ଆସୁଛନ୍ତି। ଏଥିପାଇଁ ମନ୍ତ୍ରୀ ଅନନ୍ତ ଦାସ ଏବଂ ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର ମନ୍ଦିର ନିର୍ମାଣ ନିମନ୍ତେ ଉଦ୍ୟମ ଜାରି ରଖିଛନ୍ତି। ସ୍ଥାନୀୟ ଜନପ୍ରତିନିଧି ଏବଂ ବହୁ ବ୍ୟକ୍ତି ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ମଧ୍ୟ ଦେଇଛନ୍ତି। ସରକାରୀ ଏବଂ ବେସରକାରୀ ଉଦ୍ୟମରେ ବିଭିନ୍ନ ଉତ୍ସରୁ ଆନୁମାନିକ ୮୪ଲକ୍ଷ ଟଙ୍କା ଅନୁଦାନ ରାଶି ରହିଛି। ନିକଟରେ ଭୋଗରାଇ ତହସିଲ କାର୍ଯ୍ୟାଳୟରେ ମନ୍ତ୍ରୀ ଅନନ୍ତ ଦାସଙ୍କ ପୌରୋହିତ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ମନ୍ଦିର ନିର୍ମାଣରେ ୧୨ରୁ ୧୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ସୋମବାର ମନ୍ଦିର ପରିସର ବୈଠକରେ ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ସଭାପତି ଭାବେ ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର, ମୁଖ୍ୟ ଉପଦେଷ୍ଟା ଭାବେ ମନ୍ତ୍ରୀ ଅନନ୍ତ ଦାସ, ସମ୍ପାଦକ ଭାବେ ସରପଞ୍ଚ ପ୍ରବୀର କୁମାର ଗିରି, ରତନ ବାଗ, ପ୍ରଦୀପ ବେହେରା ପ୍ରମୁଖଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ଦେବାକୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

# ଘର ନ ଥାଇ ଇନ୍ଦିରା ଆବାସ ବିଲ୍

■ ବିଡିଓଙ୍କୁ ଅଭିଯୋଗ କଲେ ସୁଣ୍ଠିରା ଗ୍ରାମବାସୀ

ଖଇରା,୧୯।୨(ଡି.ଏନ.ଏ.)

ଖଇରା ବ୍ଲକର ସୁଣ୍ଠିରା ଗଣ୍ଡିବେଡ ପଞ୍ଚାୟତ ଅନ୍ତର୍ଗତ ସୁଣ୍ଠିରା ଗ୍ରାମରେ ପ୍ରଧାମମନ୍ତ୍ରୀ ଆବାସ ଓ ବିଜୁ କୁଡିଆ ବିଲ ପ୍ରଦାନରେ ଅନିୟମିତତା ହୋଇଛି। ଏନେଇ ଗ୍ରାମର କୈଳାସ ଚନ୍ଦ୍ର ନାୟକଙ୍କ ସମେତ ଗ୍ରାମବାସୀ ଖଇରା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରମ୍ଭାମଣୀ ସେଠୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ପଦ୍ମାବତୀ ସେଠୀଙ୍କୁ ବିଜୁ କୁଡିଆ ଯୋଜନାରେ ଗୋଟିଏ ଲେଖାଏଁ ଘର ମିଳିଥିଲା। ରମ୍ଭାମଣୀ ଅଦ୍ୟାବଧି ଘର ଆରମ୍ଭ କରି ନ ଥିବା ବେଳେ ତାଙ୍କ ନାମରେ ୯୦ହଜାର ଟଙ୍କା ଉଠାଯାଇଥିବା ରେକର୍ଡରୁ ଜଣାପଡିଛି। ସେହିଭଳି ପଦ୍ମାବତୀ ସେଠୀ ବିଜୁ କୁଡିଆକୁ ମିଶାଇ ଏକ ବଡ କୋଠା ନିର୍ମାଣ କରି ୩ଟି ପର୍ଯ୍ୟାୟରେ ବିଲ ଉଠାଇ ନେଇଛନ୍ତି। ଏ ବିଷୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ଶ’ଙ୍କୁ ପଚାରିବାରୁ ପୂର୍ବରୁ ଥିବା ନିର୍ବାହୀ ଅଧିକାରୀ ଏଭଳି ବିଲ ପ୍ରଦାନ କରିଛନ୍ତି। ଏଠାରେ ଦାୟିତ୍ୱ ଗ୍ରହଣ କରିବାପରେ ଏବିଷୟରେ ଅବଗତ ହୋଇ ବାକି କାର୍ଯ୍ୟକୁ ବନ୍ଦ ରଖିଛି ବୋଲି ସେ କହିଛନ୍ତି। ବିଡିଓ ମହେଶ ଚୌଧୁରୀଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଅଙ୍ଗନୱାଡ଼ି କର୍ମୀଙ୍କ ବିଭିନ୍ନ ଦାବି ନେଇ ଧାରଣା

ବାଲିଆପାଳ,୧୯।୨(ଡି.ଏନ.ଏ.)

ନିଖିଳ ଓଡିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ବାଲିଆପାଳ ବ୍ଲକ ପରିସରରେ ଧାରଣା ଆରମ୍ଭ ହୋଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରହିବ ବୋଲି ସଭାନେତ୍ରୀ ରାଜଶ୍ରୀ ସାହୁ ଓ ସମ୍ପାଦିକା ପୂର୍ଣ୍ଣିମା ଦେ କହିଛନ୍ତି। ଏହି ଦାବି ଗୁଡ଼ିକର ନକଲ ପ୍ରମୁଖ ଶାସନ ସଚିବଙ୍କ ନିକଟକୁ ପଠାଇଥିବା କହିଛନ୍ତି। ବାଲିଆପାଳ ସି.ଡି.ପି.ଓଙ୍କୁ ପଚାରିବାରୁ ଉପଜିଲାପାଳଙ୍କ ସହିତ ଆଲୋଚନା କରାଯାଇ ଦାବି ଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସ୍କୁଲ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ: ମାମଲା ରୁଜୁ

**ଜଳେଶ୍ୱର, ୧୯।୨ (ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ରାୟାଁରାମଚନ୍ଦ୍ରପୁର ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ କଦଳୀହେଣ୍ଡା ଗ୍ରାମର ତାପସ କୁମାର ଜେନା ଅପହରଣ କରିଥିବା ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତ ଯୁବକଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଏକ ଅପହରଣ ମାମଲା (ନଂ.୪୩/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ଛାତ୍ରୀଛାତ୍ରଙ୍କ ଗହଣରେ ଶିଳ୍ପପତି ଅମିନ।

## ଶ୍ରେଣୀଗୃହ ଉଦ୍‌ଘାଟନ କଲେ ଶିଳ୍ପପତି

ରୂପ୍‌ସା,୧୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅନ୍ତର୍ଗତ ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନର ନୂତନ ଶ୍ରେଣୀଗୃହକୁ ମୁଖ୍ୟଅତିଥି ଶିଳ୍ପପତି ଅବଦୁଲ ଅମିନ୍ ଖାନ୍ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଶିଳ୍ପପତିଙ୍କ ନିଜସ୍ୱ ପାଣ୍ଠି ପ୍ରଦତ୍ତ ବ୍ୟୟ ଅଟକଳରେ ଏହି ଶ୍ରେଣୀଗୃହ ନିର୍ମାଣ ହୋଇଥିବାରୁ ତାଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ମଣ୍ଟୁଚରଣ ପାଲ ଉଦ୍‌ଘାଟନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଲ୍ଲୀରୁ ଡା. କୁମାର, ତେଜପାଲ ଶର୍ମା, ନାଟ୍ୟକାର ସନ୍ତୋଷ ଦାସ, ଶଶିଭୂଷଣ ପଣ୍ଡା, ଶୀତଲ ଦେବୀ, ପରିଚାଳନା କମିଟି ଅଧ୍ୟକ୍ଷ ଅକ୍ଷୟ କୁମାର ମହାପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ଜୟକୃଷ୍ଣ ଗିରି, ସଲିମ ଖାନ୍ ଓ ପ୍ରଧାନଶିକ୍ଷକ ପଞ୍ଚାନନ ଗିରି ପ୍ରମୁଖ ଯୋଗଦେଇ ଶିଳ୍ପପତି ଅମିନଙ୍କ ମହାନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମାନସ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଳ୍ପପତିଙ୍କ ବାପା ସ୍ୱର୍ଗତ ଭୂୟାଁ ଅବଦୁଲ ମୁକ୍ତିଆର ଖାନ୍‌ଙ୍କ ନାମରେ ନୂତନ ଶ୍ରେଣୀଗୃହକୁ ଉତ୍ସର୍ଗୀକୃତ କରାଯାଇଥିଲା। ଶେଷରେ ଶିକ୍ଷକ ବାସୁଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାକ୍ତନଶିକ୍ଷକ ଉମେଶ ଚନ୍ଦ୍ର ନାୟକ, ଶିକ୍ଷକ ଭବାନୀ ଶଙ୍କର ଭୋଇ, ସୁଶାନ୍ତ ପରିଡ଼ା, ରାଜେନ୍ଦ୍ର ଖମାରୀ ଓ ଗୟାଧର ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




# ଉଦଳା ସରସ୍ୱତୀ ମେଳା ଆରମ୍ଭ

ଉଦଳା, ୧୯।୨ (ଡି.ଏନ.ଏ.)

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଉଦଳା ସରସ୍ୱତୀ ମେଳା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ଏମ୍‌ପି ସରୋଜିନୀ ହେମ୍ବ୍ରମ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି ରାମଚନ୍ଦ୍ର ହାଁସଦା, ମୟୂରଭଞ୍ଜ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଉଦଳା ବିଧାୟକ ଗୋଲକ ବିହାରୀ ନାୟକ, ଉଦଳାର ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ, ସ୍ଥାନୀୟ ବାର ଆସୋସିଏସନର ସମ୍ପାଦକ ବସନ୍ତ କୁମାର ପରିଡା, ସଦସ୍ୟ ପ୍ରଭାତ କୁମାର ପରିଡା, କ୍ଷୀରୋଦ ରଞ୍ଜନ ମହାନ୍ତି, ଗୋପୀନାଥ ବେହେରା, ରବୀନ୍ଦ୍ର କୁମାର ପରିଡା, ରତ୍ନାକର ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ସାଂସ୍କୃତିକ ମଞ୍ଚରେ ଯୋଗ ଦେଇଥିଲେ। ଏହି ମେଳା ୧୨ ଦିନ ଧରି ଚାଲିବ ବୋଲି ସରସ୍ୱତୀ ମେଳା କମିଟି ସଭାପତି ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି।




ସରସ୍ୱତୀ ମେଳାରେ ମଞ୍ଚାସୀନ ଅତିଥି।

ଉଦଳା ହାଇସ୍କୁଲର ପରେଡ୍ ପଡ଼ିଆଠାରେ ଆୟୋଜିତ ଏହି ମେଳାରେ ଚଳିତବର୍ଷ ବିଭିନ୍ନ ପ୍ରକାରର ସାମଗ୍ରୀ ଦୋକାନ ପଡ଼ିଛି। କଟକର ଠୁଙ୍କାପୁରି, ଚାଇଁବସାର ପଥରଶିଳ୍ପୀ, ବଉଳଗଡିଆର ଶିଳ୍ପୀ ଏହି ମେଳାରେ ସେମାନଙ୍କ ଷ୍ଟଲ ପକାଇଛନ୍ତି। ଏହାସହିତ ବିଭିନ୍ନ ସାମଗ୍ରିକ ମୀନାବଜାର, ହରେକମାଲ୍ ମେଳାକୁ ବେଶ୍ ଆକର୍ଷଣୀୟ କରିବ ବୋଲି ବଣିକ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡା କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।

-ଗୌତମ ବୁଦ୍ଧ



## ସଂକ୍ଷେପରେ

### 'ଓଡ଼ିଆରେ ଲେଖାଯାଉ ନାମଫଳକ'

**ଭଦ୍ରକ ଅଫିସ, ୧୯।୨:** ଦୋକାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ନାମଫଳକ ଓଡ଼ିଆରେ ଲେଖାଯିବା ଲାଗି ଉତ୍କଳ ସମ୍ମିଳନୀର ଭଦ୍ରକ ଶାଖା ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲାପାଳଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉତ୍କଳ ସମ୍ମିଳନୀର ଭଦ୍ରକ ଶାଖା ଉପସଭାପତି ଏସ୍.ଏମ୍. ଫାରୁକ୍, ଅନାଦି ଚରଣ ଦାସ, ସାଧାରଣ ସମ୍ପାଦକ ଅଜୟ ନାୟକ, ଯୁଗ୍ମ ସମ୍ପାଦକ ବାବୁଲାଲ ଦାସ, ପ୍ରମୋଦ ରାୟ, ତ୍ରୈଲୋଚନ ବେହୁରିଆ, କୈଳାସ ଚନ୍ଦ୍ର ଜେନା ଓ ସୁଧାକର ରାଉତ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି ଯେ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନଗୁଡ଼ିକର ନାମଫଳକ ଓଡ଼ିଆରେ ଲେଖିବା ପାଇଁ ୨୦୧୮ ମେ ୩୦ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ଭଦ୍ରକରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଏଣୁ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ମାଧ୍ୟମରେ ବ୍ୟବସାୟୀମାନଙ୍କୁ ସଚେତନ କରାଇବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସବୁସ୍ତରରୁ ସହଯୋଗ କରାଯିବାକୁ ସେମାନେ ଦାବି ଜଣାଇଛନ୍ତି।

### ସ୍ୱଚ୍ଛତା ପାଇଁ ୧୯୫ ବିଦ୍ୟାଳୟରେ ଶପଥପାଠ

**ଭଦ୍ରକ ଅଫିସ,୧୯।୨:** ପରିବେଶକୁ ନିର୍ମଳ ରଖିବା ନିମନ୍ତେ ଆଦାନୀ ଫାଉଣ୍ଡେଶନର ସ୍ୱଚ୍ଛାଗ୍ରହ କାର୍ଯ୍ୟକ୍ରମ ଜରିଆରେ ଭଦ୍ରକ ଜିଲାର ୧୯୫ ବିଦ୍ୟାଳୟର ୧୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶପଥପାଠ କରିଛନ୍ତି। ଏହି ଶପଥପାଠ କାର୍ଯ୍ୟକ୍ରମ ଗ୍ରାମପଞ୍ଚାୟତ ହାଇସ୍କୁଲ କରଣପଲ୍ଲୀଠାରେ ଆୟୋଜିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ୱଚ୍ଛାଗ୍ରହ କାର୍ଯ୍ୟକ୍ରମରେ ଧାମରା ବନ୍ଦର ପାର୍ଶ୍ୱବର୍ତ୍ତୀ ୮ପଞ୍ଚାୟତର ୭୨ ବିଦ୍ୟାଳୟ ଓ ଭଦ୍ରକ ଜିଲାର ଅନ୍ୟାନ୍ୟ ୧୨୫ଟି ବିଦ୍ୟାଳୟକୁ ସାମିଲ କରାଯାଇଛି। ପରିବେଶ ସ୍ୱଚ୍ଛତା ଓ ବିଦ୍ୟାଳୟଗୁଡ଼ିକରେ ନିର୍ମଳ ବାତାବରଣ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଇକେଲ ରାଲି କରାଯିବା ସହ ଶ୍ରେଣୀରେ ଠିକ୍‌ଭାବରେ ହାତଧୁଆ ପଦ୍ଧତି ସମ୍ପର୍କିତ ସଚେତନତା, ବିଦ୍ୟାଳୟ ପରିବେଶ ସଫା ରଖିବା ଓ ଗୋଷ୍ଠୀ ସମୂହକୁ ପରିବେଶ ସମ୍ପର୍କିତ ସଚେତନା ସୃଷ୍ଟି କରିବା ଆଦି କାର୍ଯ୍ୟକ୍ରମ କରାଯାଇଛି।

### ଯୋଗଦେଲେ ୫ ସୁପରଭାଇଜର

**ଭଦ୍ରକ ଅଫିସ, ୧୯।୨:** ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବିଭିନ୍ନ ବ୍ଲକରେ ୫ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କୁ ଠିକ୍ ଭାବେ ଶିକ୍ଷାଦାନ, ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ସୁଧାର ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### 'ଗାଁ ମାଟିର ମହକ' ଉନ୍ମୋଚିତ

**ବନ୍ତ,୧୯।୨ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ନିକଟସ୍ଥ ସୋସୋ ଥାନା ଅନ୍ତର୍ଗତ ମୌଦାଠାରେ ଶ୍ରୀମଦ୍ ଗୋବିନ୍ଦ ବାବାଙ୍କ ରଚିତ 'ଗାଁ ମାଟିର ମହକ' ପୁସ୍ତକ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। କବି କୃଷ୍ଣଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଅଧାପକ ପ୍ରଭାସ ମହାପାତ୍ର ମୁଖ୍ୟଅତିଥି, ଜଇନୁଲ ଆବେଦିନ ମୁଖ୍ୟବକ୍ତା ଏବଂ ଅଶୋକ କୁମାର ଦେଓ, ପ୍ରଣୟ କୁମାର ସିଂହ, ରମାକାନ୍ତ ଜେନା, ନୃସିଂହ କର, ଦାଶରଥି ଜେନା, ଧନେଶ୍ୱର ନାୟକ, ଦେବେନ୍ଦ୍ର କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜନ୍ମମାଟିର କୀର୍ତ୍ତିରାଜି ସମ୍ବଳିତ ଏହି କବିତା ପୁସ୍ତକରେ ଜନ୍ମମାଟି ପ୍ରତି ଥିବା ବ୍ୟକ୍ତିର ଆତ୍ମଚେତନାର ବାର୍ତ୍ତା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ପୁସ୍ତକର ସ୍ରଷ୍ଟା ଗୋବିନ୍ଦ ବାବା ଓ ସଂଯୋଜକ ଗଜେନ୍ଦ୍ର ଚନ୍ଦଙ୍କ ପ୍ରଶଂସା କରିଥିଲେ। ଶିକ୍ଷାବିତ୍ ହରିହର ପାଣିଗ୍ରାହୀ ଅତିଥି ପରିଚୟ ଓ ଗୋବିନ୍ଦ ବାବା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧ୍ରୁବଚରଣ ସାହୁ, ଅମିୟ ରଞ୍ଜନ ଘଡ଼େଇ, ହୃଦାନନ୍ଦ ପାଣିଗ୍ରାହୀ, ଅନ୍ନଦା ପ୍ରସାଦ ସାହୁ, ହୃଷୀକେଶ ପାଣିଗ୍ରାହୀ, ଜଳଧର ଘଡ଼େଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୨୦ କେନ୍ଦ୍ରରେ ପରୀକ୍ଷା ଦେବେ ୨୪, ୬୩୬ ପରୀକ୍ଷାର୍ଥୀ

**ଭଦ୍ରକ ଅଫିସ,୧୯।୨**

- ୧୧ଟି ନୋଡାଲ ସେଣ୍ଟର
- ଷ୍ଟ୍ରଙ୍ଗରୁମରେ ପୋଲିସ ସୁରକ୍ଷା ବ୍ୟବସ୍ଥା
- ୨୧ ତାରିଖ ସୁଦ୍ଧା ଷ୍ଟ୍ରଙ୍ଗରୁମରେ ଲାଗିବ ସିସିଟିଭି

ଆସନ୍ତା ୨୨ ତାରିଖରେ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଭଦ୍ରକ ଜିଲାର ୭ ବ୍ଲକରେ ୧୨୦ଟି କେନ୍ଦ୍ର ହୋଇଥିବା ବେଳେ ୩୧୮ଟି ହାଇସ୍କୁଲର ୨୪, ୬୩୬ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ଏଥିପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ସୋମବାର ୧୧ଟି ନୋଡାଲ ସେଣ୍ଟରରୁ ସମସ୍ତ ହାଇସ୍କୁଲକୁ ଆଡମିଟ୍ କାର୍ଡ ଓ ୧୨୦ଟି ପରୀକ୍ଷା କେନ୍ଦ୍ରକୁ ଡିଆର୍ ଏବଂ ଓଏମ୍ଆର୍(ଉତ୍ତରଖାତା) ପଠାଇ ଦିଆଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ସମସ୍ତ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି। ଏଥିପୂର୍ବରୁ ନୋଡାଲ ସେଣ୍ଟରଗୁଡ଼ିକରେ ନିର୍ଦ୍ଧାରିତ ଷ୍ଟ୍ରଙ୍ଗରୁମରେ ପୋଲିସ ଦ୍ୱାରା କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପରୀକ୍ଷା ଶେଷ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥାକୁ ସ୍ଥାନୀୟ ଥାନାଧିକାରୀମାନେ ଯାଞ୍ଚ କରିବେ।

ଜିଲା ଶିକ୍ଷା ବିଭାଗ ସୂଚନା ଅନୁଯାୟୀ, ଏହି ଜିଲାର ୨୪, ୬୩୬ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଉଥିବା ବେଳେ ୨୩, ୩୨୩ ରେଗୁଲାର, ୧୩୧୩ ଏକ୍ସ ରେଗୁଲାର, ୨୨୪ ମଧ୍ୟମା ଓ ୨୮୧ ଜଣ ମୁକ୍ତ ବିଦ୍ୟାଳୟର ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଶ୍ନପତ୍ର ମହଜୁଦ ରଖାଯିବାକୁ ୧୧ଟି ନୋଡାଲ କେନ୍ଦ୍ର ଭାବେ ଭଦ୍ରକ ବ୍ଲକର ଜିଲାସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲ, ବାସୁଦେବପୁରର ଅଟଳ ବିହାରୀ ହାଇସ୍କୁଲ, ଚାନ୍ଦବାଲିର ମତୋ ଓ ଧାମରାଇ ହାଇସ୍କୁଲ, ଧାମନଗରର ମୁରଲୀଧର, ଧୁଷୁରୀ ଓ ଧାମନଗର ହାଇସ୍କୁଲ, ଭଣ୍ଡାରିପୋଖରୀର ଭଣ୍ଡାରୀପୋଖରୀ ହାଇସ୍କୁଲ, ବନ୍ତ ବ୍ଲକର ବନ୍ତ ଓ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଓ ତିହିଡିର ସିଆର୍ଏସ୍ ହାଇସ୍କୁଲକୁ ସ୍ଥିର କରାଯାଇଛି। ଭଦ୍ରକ ବ୍ଲକର ୨୧ଟି ପରୀକ୍ଷାକେନ୍ଦ୍ରରେ ୪୬୩୭, ବାସୁଦେବପୁର ବ୍ଲକର ୨୨ଟି କେନ୍ଦ୍ରରେ ୪୮୨୨, ଭଣ୍ଡାରିପୋଖରୀ ବ୍ଲକର ୯ଟି କେନ୍ଦ୍ରରେ ୧୪୮୫, ବନ୍ତ ବ୍ଲକର ୧୩ଟି କେନ୍ଦ୍ରରେ ୨୭୫୯ ଓ ଚାନ୍ଦବାଲି ବ୍ଲକର ୧୯ଟି କେନ୍ଦ୍ରରେ ୪୧୪୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ଧାମନଗର ବ୍ଲକର ୧୯ଟି କେନ୍ଦ୍ରରେ ୩୬୫୧ ଓ ତିହିଡି ବ୍ଲକର ୧୫ଟିକେନ୍ଦ୍ରରେ ୩୧୩୮ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୨୧ ତାରିଖ ସୁଦ୍ଧା ପ୍ରଶ୍ନପତ୍ର ରହୁଥିବା ନୋଡାଲ ସେଣ୍ଟରର ଷ୍ଟ୍ରଙ୍ଗରୁମଗୁଡ଼ିକରେ ସିସିଟିଭି ଲଗାଯିବାର ବ୍ୟବସ୍ଥା କରାଯାଉଥିବା ଜିଲାସ୍କୁଲ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ ସୂଚନା ଦେଇଛନ୍ତି।

## ଚିକିତ୍ସକ ସଂଘର ରାଜ୍ୟ ସମ୍ମିଳନୀ



ଅଖିଳ ଭାରତୀୟ ଚିକିତ୍ସକ ସଂଘ ସମ୍ମିଳନୀରେ ଯୋଗଦେଇଥିବା ଡାକ୍ତରମାନେ।

**ଭଦ୍ରକ ଅଫିସ,୧୯।୨**

ଅଖିଳ ଭାରତୀୟ ଚିକିତ୍ସକ ସଂଘର ରାଜ୍ୟ ସମ୍ମିଳନୀ ଭଦ୍ରକ ରାନ୍ଧିଆସ୍ଥିତ ମାଧବ ମଣ୍ଡପ ଓ ଟଙ୍କିଜ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ରାଜ୍ୟ ସମ୍ମିଳନୀକୁ ଆଇଏମ୍ଏର ଜାତୀୟ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପ୍ରଫେସର ଡା. ଶାନ୍ତନୁ ସେନ୍ ଉଦ୍‌ଘାଟନ କରିଥିଲେ। ଆଇଏମ୍ଏର ରାଜ୍ୟ ସଭାପତି ଡା. ସନ୍ତୋଷ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ ପୂର୍ବତନ ସର୍ବଭାରତୀୟ ସଭାପତି ପ୍ରଫେସର ଡା. ଏମ୍ଏ ଆବାସ୍, ପ୍ରଫେସର ଡା. ଜ୍ୟୋତିର୍ମୟ ପାଲ, ଅନ୍ୟତମ ଅତିଥି ଭାବେ ଆଇଏମ୍ଏର ରାଜ୍ୟସମ୍ପାଦକ ଡା. ଜନ୍ମେଜୟ ମହାପାତ୍ର, ରାଜ୍ୟ କୋଷାଧ୍ୟକ୍ଷ ଡା. ବ୍ରଜକିଶୋର ଦାସ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ଭଦ୍ରକର ସିଡିଏମଓ ଡା. ମହମ୍ମଦ ଅବଦୁଲ ରସିଦ୍ , ଜିଲା ସଂଗଠନର ସଭାପତି ଡା. ରବୀନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଡା. ଝସକେତନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଇଣ୍ଟିଫିକ୍ କମିଟିର ଚେୟାରମ୍ୟାନ ଡା. ଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅଧିବେଶନଗୁଡିକ ପରିଚାଳିତ ହୋଇଥିଲ। ଏହି ଅବସରରେ ଆଇଏମଏର ଜିଲା ସାଂଗଠନିକ ସମ୍ପାଦକ ଡା. ହରେକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲାରୁ ୫ଶହରୁ ଊର୍ଦ୍ଧ୍ୱ ଡାକ୍ତର ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ବିଭାଗରେ ପାରଙ୍ଗମ ଲାଭ କରିଥିବା ଚିକିତ୍ସକଙ୍କୁ ଉତ୍ତରୀୟ,ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକ ଶାଖା ପକ୍ଷରୁ ସ୍ୱତନ୍ତ୍ରଭାବେ ସେବାପାଇଁ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓ ଡା.ବିଦ୍ୟୁତ୍ ଦାସଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଓ ପ୍ରାଧ୍ୟାପକ ଡା. ବ୍ରଜମୋନ ମିଶ୍ର ସ୍ୱତନ୍ତ୍ର ସେବାକାରୀ ଦୁଇ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଚାଲାଣ ବେଳେ ୧୮ ଗୋରୁ ଉଦ୍ଧାର ପିକ୍‌ଅପ୍ ଜବତ, ୨ ଅଟକ

**ଭଦ୍ରକ ଅଫିସ, ୧୯।୨**

ଜାତୀୟ ରାଜପଥରେ ଦୈନିକ ଗୋଚାଲାଣ ହେଉଛି। ଏ ନେଇ ପୋଲିସ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଫଳରେ ଏହାକୁ ନେଇ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେଉଛି। ମଙ୍ଗଳବାର ଯାଜପୁର ଜିଲା ସାହାପୁରରୁ ବାଲେଶ୍ୱରକୁ ଏକ ପିକ୍ଅପ ଯୋଗେ ଗୋଚାଲାଣ ହେଉଥିବା ବେଳେ ଜାତୀୟ ରାଜପଥ ନୂଆବସ୍ତଖଣ୍ଡ ନିକଟରୁ ୧୮ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ଗାଡ଼ି ଜବତ କରି ଡ୍ରାଇଭର ଓ ହେଲପରଙ୍କୁ ଭଦ୍ରକ ଟାଉନ ଥାନା ପୋଲିସ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ନୂଆବସ୍ତଖଣ୍ଡ ନିକଟରେ ସ୍ଥାନୀୟ କେତେକ ଯୁବକ ଉକ୍ତ ଗାଡ଼ିକୁ ଅଟକାଇଥିଲେ। ଗୋଚାଲାଣ ନେଇ ମଧ୍ୟାହ୍ନରେ ଜାତୀୟ ରାଜପଥରେ ଉତ୍ତେଜନା ଦେଖାଦେଇଥିଲା। ଟାଉନ ଥାନା ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପୋଲିସ ଉପସ୍ଥିତିରେ ଗାଡ଼ିରୁ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା।

## 'ସବୁ ଭଲ ଲାଗେ ତୁମେ ଥିଲେ' ଲୋକାର୍ପିତ

**ଭଣ୍ଡାରିପୋଖରୀ, ୧୯।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସରସଦାସ୍ଥିତ ଭାଗବତ ତୁଙ୍ଗୀର ଗଜପତି ମଣ୍ଡପଠାରେ ଗାଳ୍ପିକ ନଟବର ରାଉଳଙ୍କ ଗଳ୍ପ ସଂକଳନ 'ସବୁ ଭଲ ଲାଗେ ତୁମେ ଥିଲେ' ସୋମବାର ଲୋକାର୍ପଣ କରାଯାଇଛି। ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦଙ୍କ ଅଧ୍ୟକ୍ଷତାରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ଅଚ୍ୟୁତାନନ୍ଦ ସାମଲ, ସୀତାକାନ୍ତ ପତ୍ରି, ନାରାୟଣ ଚନ୍ଦ୍ର ସାମଲ, କରୁଣାକର ବେହୁରିଆ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅରୁଣ ଖିଲାର, ପୁରୁଷୋତ୍ତମ ଧଳ, ଯୋଗେଶ୍ରୀ ସାମଲ, ବିଶ୍ୱମ୍ଭର ରାଉତ, ରମାକାନ୍ତ ବେହେରା, ଜଗନ୍ନାଥ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସଞ୍ଜୟ ନନ୍ଦ ପ୍ରାରମ୍ଭିକ ସୂଚନା, ଉମାକାନ୍ତ ପାତ୍ର ଅତିଥି ପରିଚୟ ଓ ନିରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁକାନ୍ତ ରାଉଳ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର



ଲାଲା



ପ୍ରିୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ପୁଣି କୋଇଲା ମାଫିଆ ସକ୍ରିୟ

**ପଦ୍ମପୁର, ୧୯।୨ (ଡି.ଏନ.ଏ.)**

- ୪୨ ବସ୍ତା କୋଇଲା ସହ ଗାଡ଼ି ଓ ଟଙ୍କା ଜବତ
- ୫ ଅଭିଯୁକ୍ତ କୋର୍ଟ ଚାଲାଣ

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ପୁଣି କୋଇଲା ମାଫିଆ ସକ୍ରିୟ ହୋଇଉଠିଛନ୍ତି। ଥାନାଧିକାରୀ ଦୟାନିଧି ଦାସଙ୍କ ନିର୍ଦ୍ଦେଶକ୍ରମେ ସାବରଙ୍ଗ ଫାଣ୍ଡି ପୋଲିସ ଚାନ୍ଦବାଲି-ଇଚ୍ଛାପୁର ରାସ୍ତାରେ ଚଢ଼ାଉ କରି ୪୨ ବସ୍ତା ଚୋରା କୋଇଲା ସହ ଗାଡି ଜବତ କରିଛି। ଏଥିସହ ଚୋରା ଚାଲାଣରେ ସମ୍ପୃକ୍ତ ୫ ଯୁବକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗାଡ଼ି ଚାଳକ ଓ ସହଯୋଗୀ ଜିତାନଗା ଓ ନୂଆନନ୍ଦ ଅଞ୍ଚଳର ବାସୁଦେବ ନାୟକ, ବାବୁଲା ଦାସ, ସୁରେଶ ବାରିକ, ରାଜେଶ ଘଡେଇ ଓ କାହ୍ନୁଚରଣ ବାରିକ। ସେମାନଙ୍କଠାରୁ ଏକ ବାଇକ୍, ୩ଟି ମୋବାଇଲ, ନଗଦ ୪ ହଜାର ଟଙ୍କା ମଧ୍ୟ ଜବତ କରାଯାଇଥିବା ଗ୍ରାମାଞ୍ଚଳ ଥାନା ଏଏସ୍ଆଇ ସମରେନ୍ଦ୍ର ବାରିକ ସୂଚନା ଦେଇଛନ୍ତି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୭୩/୧୯) ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଉକ୍ତ ରାସ୍ତାରେ କୋଇଲା ଚୋରା ଚାଲାଣ ହେଉଥିବା ଖବର ମିଳିଥିଲା। ସାବରଙ୍ଗ ଫାଣ୍ଡି କନଷ୍ଟେବଲ ଗଗନ କୁମାର ସେନ, ରଜତ କୁମାର ପାଣିଗ୍ରାହୀ ଜିତାନଗାଠାରେ ୨ଟି କୋଇଲା ବୋଝେଇ ଅଟୋକୁ ଅଟକାଇବାରୁ ସେଥିରେ ଚୋରା କୋଇଲା ଥିବା ଜଣାପଡ଼ିଥିଲା।

## ବାବା ଲୋକନାଥଙ୍କ ୭୩ତମ ଅଗ୍ନି ଉତ୍ସବ

**ଭଦ୍ରକ ଅଫିସ, ୧୯।୨**

ଭଦ୍ରକ ସହରର ପ୍ରସିଦ୍ଧ ବାବା ଲୋକନାଥ ମନ୍ଦିରରେ ୭୩ତମ ଅଗ୍ନି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ କରାଯାଇଥିଲା। ଏଥିସହ ସେବାୟତମାନଙ୍କ ପକ୍ଷରୁ ଦୀପଦାନ କରାଯାଇ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୫ କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ସନ୍ଧ୍ୟାଠାରୁ ରାତି ପର୍ଯ୍ୟନ୍ତ ସହରବାସୀ ଓ ଆଖପାଖ ଗାଁର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେବାୟତ ବିଜୟ କୁମାର ପାଣି, ଅଜୟ କୁମାର ପାଣି, ସଞ୍ଜୟ କୁମାର ପାଣି, ଗୌରାଙ୍ଗ କର, ତ୍ରିନାଥ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅନୁଷ୍ଠିତ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ।

## ମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଷ୍ଟାମ୍ପ ଭେଣ୍ଡର ସଂଘର ଦାବି

**ଭଦ୍ରକ ଅଫିସ,୧୯।୨**

ରାଜ୍ୟ ସରକାର ନନ୍‌ଜୁଡିସିଆଲ ଷ୍ଟାମ୍ପ କ୍ରୟ ବିକ୍ରୟ ପ୍ରସଙ୍ଗରେ ଷ୍ଟାମ୍ପ ଭେଣ୍ଡରମାନଙ୍କୁ ଦିଆଯାଇଥିବା କ୍ଷମତା ପରିସର ମଧ୍ୟରେ ଇ-ଷ୍ଟାମ୍ପ ବିକ୍ରୟ ବନ୍ଦ କରିବାକୁ ମହାସଂଘ ଦାବି କରିଆସିଛି। ଏହାକୁ ସମାଧାନ କରିବାକୁ ଯାଇ ରାଜସ୍ୱ ମନ୍ତ୍ରୀ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱମୂଲ୍ୟର ଷ୍ଟାମ୍ପ ଇ-ଷ୍ଟାମ୍ପ ପଦ୍ଧତିରେ ବିକ୍ରି ନ କରିବାକୁ ଲିଖିତ ପରାମର୍ଶ ଦେଇଥିଲେ ମଧ୍ୟ ଏହା ପ୍ରଶାସନିକ ସ୍ତରରେ ଝୁଲି ରହିଛି। ତେଣୁ ତୁରନ୍ତ ମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ସଂଘ ପକ୍ଷରୁ ଦାବି କରି ସୋମବାରଠାରୁ ଷ୍ଟାମ୍ପ ବିକ୍ରି ବନ୍ଦ କରିଛନ୍ତି। ଫଳରେ ବହୁ ଲୋକ ସମସ୍ୟା ଭୋଗୁଛନ୍ତି। ଷ୍ଟାମ୍ପ ବିକ୍ରି ସମୟରେ ଥିବା ୧.୫ପ୍ରତିଶତ କମିଶନକୁ ୧୦ପ୍ରତିଶତକୁ ବୃଦ୍ଧି କରିବାକୁ ମଧ୍ୟ ସଂଘ ଦାବି କରିଛି। ଏହା ବ୍ୟତୀତ ଷ୍ଟାମ୍ପ ଭେଣ୍ଡରମାନଙ୍କୁ ପରିଚୟ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ସଂଘକୁ କ୍ଷମତା ଦେବାକୁ ସଂଘର ଭଦ୍ରକ ଜିଲା ସଭାପତି ନିରାକର ସେନାପତି, ନିତ୍ୟାନନ୍ଦ ମହାନ୍ତି, ଗୌରାଙ୍ଗ ବେହେରା, ସଞ୍ଜୟ କୁମାର ବେହେରା, ବିଦ୍ୟୁତ୍ ମହାପାତ୍ର, ମନୋଜ ଦାସ, ସମ୍ପାଦକ ପ୍ରଦୀପ କୁମାର ଦାସ, କୋଷାଧ୍ୟକ୍ଷ ରାମକୃଷ୍ଣ ସାହୁ ପ୍ରମୁଖ ଦାବି ଜଣାଇଛନ୍ତି।

## ୧୪ ବଖରା ଜଳିଗଲା

**ଭଦ୍ରକ ଅଫିସ/ବନ୍ତ, ୧୯।୨ (ସ୍ୱ.ପ୍ର.)**

ଭଦ୍ରକ ଜିଲା ସଦର ଓ ବନ୍ତ ବ୍ଲକ ଆଗରପଡ଼ା ଥାନା ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୧୪ ବଖରା ଭସ୍ମୀଭୂତ ହୋଇଯାଇଛି। ଭଦ୍ରକ ବ୍ଲକ ଆମ୍ବରୋଳି ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୧୦ ବଖରା ଜଳିଯାଇଛି। ଗ୍ରାମର ନଖିଆ ବେହେରାଙ୍କ ସମେତ ତାଙ୍କ ୪ ଭାଇଙ୍କ ଘର ଜଳି ଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ଏକ ବାଇକ୍ ପୋଡ଼ିଯାଇଛି। ଘଟଣାସ୍ଥଳରେ ଭଦ୍ରକ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ସେହିପରି ଆଗରପଡ଼ା ଥାନା ଅଧୀନ ଗୋପୀନାଥପୁର ଗ୍ରାମରେ ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ଗ୍ରାମର କାଙ୍ଗାଳି ଜେନା, ମାନସ ଜେନା, ସଞ୍ଜିନ ଜେନା ଓ ବାୟା ଜେନାଙ୍କର ବଖରାଏ ଲେଖାଏ ପୋଡ଼ି ଯାଇଛି। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଆଗରପଡାରୁ ଦମକଳ କର୍ମଚାରୀ ଯାଇ ନିଆଁକୁ ଆୟତ୍ତ କରିଥିଲେ। ଆନୁମାନିକ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ହୋଇଥିବା ଜଣାଯାଇଛି। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭଦ୍ରକରେ ପୋଡ଼ିଯାଇଥିବା ଘର।

## ଚରମ୍ପା ଗଳାପୋଲ ସମ୍ପ୍ରସାରଣ ଦାବିରେ ଗଣଧାରଣା

**ଭଦ୍ରକ ଅଫିସ, ୧୯।୨**

ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥର ଚରମ୍ପାଠାରେ ଥିବା ଗଳାପୋଲ ସମ୍ପ୍ରସାରଣ ଦାବିରେ ସମ୍ପ୍ରସାରଣ କମିଟି ପକ୍ଷରୁ ମଙ୍ଗଳବାର ସକାଳେ ଗଣଧାରଣା ଦିଆଯାଇଥିଲା। ଫଳରେ ଚରମ୍ପା ଗଳାପୋଲ ନିକଟରେ କିଛି ସମୟ ପାଇଁ ରାସ୍ତା ଅବରୋଧ ହୋଇଥିଲା। ଉପଜିଲାପାଳ ପୀତାମ୍ବର ସାମଲ ଓ ତହସିଲଦାର ପ୍ରଦୀପ କୁମାର ସାହୁ ସେଠାରେ ପହଞ୍ଚି ଧାରଣାରେ ବସିଥିବା ଲୋକ ଓ ସମ୍ପ୍ରସାରଣ କମିଟି ସଦସ୍ୟଙ୍କୁ ୩ ମାସ ମଧ୍ୟରେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଚରମ୍ପା ଗଳାପୋଲ ଉଚ୍ଚତା ଏବଂ ଓସାର କମ୍ ଥିବାରୁ ରାସ୍ତା ଅନ୍ୟପାର୍ଶ୍ୱକୁ ଭାରିଯାନ ଯାଇପାରୁ ନାହିଁ। ପ୍ରତିଦିନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସହ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଜରୁରୀ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ଏପାଖରୁ ସେପାଖ ହୋଇପାରୁ ନାହିଁ। ଏନେଇ ଜାତୀୟ ରାଜପଥ ସମ୍ପ୍ରସାରଣ କମିଟି ପକ୍ଷରୁ ବାରମ୍ବାର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଏହାର କୌଣସି ସମାଧାନ କରା ନ ଯିବାରୁ ପୂର୍ବ ନିର୍ଦ୍ଧାରିତ କ୍ରମେ ମଙ୍ଗଳବାର ସକାଳେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯାଇଥିଲା। ଆଗାମୀ ୩ ମାସ ମଧ୍ୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି କୌଣସି ପଦକ୍ଷେପ ନିଆ ନ ଗଲେ ପୁଣି ଆନ୍ଦୋଳନ କରାଯିବାକୁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।




ଚରମ୍ପା ଗଳାପୋଲ ନିକଟରେ ରାସ୍ତାରୋକୋ କରି ଲୋକେ ଧାରଣାରେ ବସିଛନ୍ତି।

### ଆଲୋଚନା ପରେ ପ୍ରତ୍ୟାହୃତ

## ସଂକ୍ଷେପରେ

### ସ୍ୱାଭିମାନ ଉତ୍ସବରେ କଥା ହେଲେ ଝାଡ଼ଖଣ୍ଡ ରାଜ୍ୟପାଳ

**ବାଙ୍ଗିରିପୋଷି, ୧୯।୨(ଡି.ଏନ.ଏ.):** ବାଙ୍ଗିରିପୋଷି ଷ୍ଟେଶନ ଷ୍ଟାଡିୟମ ପଡିଆଠାରେ କସ୍ତୁରୀ ଇଣ୍ଡେନ ଗ୍ୟାସ୍ ସିଙ୍ଗଡା (ବାଘଡା) ଓ ଜୟ ମାତାଦି ଇଣ୍ଡେନ (ଝାରପୋଖରିଆ) ତରଫରୁ ଏକ ହଜାରରୁ ଊର୍ଦ୍ଧ୍ୱ ଗ୍ୟାସ୍ ଉପଭୋକ୍ତାଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଝାଡଖଣ୍ଡରୁ ଭିଡିଓ କନଫରେନ୍ସିଂ ମାଧମରେ ମହିଳା ହିତାଧିକାରୀଙ୍କ ସହିତ କଥା ହୋଇଥିଲେ। ତିନିଜଣ ଉପଭୋକ୍ତା ମହିଳା ସୁଜାତା ପ୍ରତିହାରୀ (କୁସୁମବନ୍ଧ), ହିମାରାଣୀ ନାଏକ (ମଣଦା), ଯଶୋଦା ନାଏକ(ମଣଦା) ରାଜ୍ୟପାଳଙ୍କ ସହ ଉଜ୍ଜ୍ୱଳା ଯୋଜନାର ସୁଫଳ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଡିଏନଓ ଅନିଲ ସେନ୍‌ଗୁପ୍ତା, ଟେରିଟୋରି ମ୍ୟାନେଜର ବାବାଜୀ ମୁଣ୍ଡାଙ୍କ ସହିତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କପ୍ତିପଦା, ୧୯।୨(ଡି.ଏନ.ଏ):** ଜମ୍ମୁ-କଶ୍ମୀରର ପୁଲୱାମାଠାରେ ବୀର ଶହୀଦ ଯବାନ୍‌ଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କପ୍ତିପଦାର ବିଭିନ୍ନ ସ୍ଥାନରେ ନୀରବ ପ୍ରାର୍ଥନା, କ୍ୟାଣ୍ଡେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କପ୍ତିପଦା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଉପସ୍ଥିତିରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହିତ ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିଭଳି କପ୍ତିପଦା ବ୍ଲକ୍‌ର ଝିଙ୍କପଦା ପଞ୍ଚାୟତ ଦିବ୍ୟଜ୍ୟୋତି କ୍ଲବ୍, ଗୌଡ଼ଗାଁ ଓ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରଙ୍କ ପକ୍ଷରୁ ମଧ ଶହୀଦ ଯବାନ୍‌ଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ମହମବତି ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ଗ୍ରାମ ପରିକ୍ରମା କରିଥିଲା । ସେହିପରି କପ୍ତିପଦା ବ୍ଲକ୍ ନୁଦଡିହା ଜଗନ୍ନାଥ ମନ୍ଦିରରୁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ପିଙ୍ଗୁସ୍ଥିତ ମାଉସୀମା ମନ୍ଦିରରେ ପହଞ୍ଚିଥିଲା।

### ଜିଲା ମହିଳା କଂଗ୍ରେସର କର୍ମକର୍ତ୍ତା ଚୟନ

**ବାରିପଦା ଅଫିସ, ୧୯।୨:** ରାଜ୍ୟ ମହିଳା ସଭାନେତ୍ରୀ ସୁମିତ୍ରା ଜେନାଙ୍କ ଅନୁମୋଦନ କ୍ରମେ ମୟୂରଭଞ୍ଜ ଜିଲା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋଷାଲ ଜିଲା କମିଟି ଘୋଷଣା କରିଥିବା ନେଇ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଏଥିରେ ୨୬ଟି ବ୍ଲକ ଓ ଏନ୍‌ଏସିର ମହିଳା ସଭାପତି, କାର୍ଯ୍ୟକାରୀ କମିଟି ସଦସ୍ୟା ଓ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟାଙ୍କ ନାମ ଘୋଷଣା କରିଛନ୍ତି। ଜିଲା କମିଟିରେ ସଭାପତି ଭାବେ ସୁସ୍ମିତା ଘୋଷାଲ, ଉପସଭାପତି ଭାବେ କମଳିନୀ ସୂତାର, ସୁନନ୍ଦା ସାହୁ, ହେଲେନା ବାଗେ, ଗୌରୀ ନାୟକ, ପଦ୍ମାବତୀ ସିହ୍ନା, ସୋନାଲି ଅପରାଜିତା ପ୍ରିୟଦର୍ଶିନୀ, ମାଳତୀ କିସ୍କୁ ଥିବାବେଳେ ସାଧାରଣ ସମ୍ପାଦକ ଭାବେ କଳ୍ପନା ମିଶ୍ର, ଗୀତାରାଣୀ ବିଶ୍ୱାଳ, ରୁକ୍ସାନା ବିବି, ମମତା ସିଂ, ରଶ୍ମିତା ମିଶ୍ର ଓ ଯଶୋଦା ନାଏକ ପ୍ରମୁଖ ରହିଛନ୍ତି। ସେହିପରି ସମ୍ପାଦକ ଭାବେ ପୁଷ୍ପିତା ସାହୁ, ରଶ୍ମିତା ପଣ୍ଡା, ସୁନୀ ସିଂ, ଗୀତାରାଣୀ ଆଗୁଆନ, ଇନ୍ଦୁ ମହାନ୍ତି, ଶୁଭସ୍ମିତା ବେହେରା, ସୀତା କିସ୍କୁ, ମାଣିକ ମହାକୁଡ ଏବଂ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟା ଭାବେ ସୁଶୀଳା ତିରିଆ, କମଳା ତିରିଆ, ସରସ୍ୱତୀ ହେମ୍ବ୍ରମ, ପ୍ରତିଭା ମିଶ୍ର, ରଞ୍ଜିତା ଯୋଶୀ, ମାଧବୀ ସେନାପତି, ଶୋଭାରାଣୀ ଦାସ, ଜବାମଣି ଟୁଡୁ, ପଦ୍ମାବତୀ ମହାନ୍ତ, ମାନବିକ ମହାନ୍ତି ଓ ଅଣୁରେଖା ବଳିଆରସିଂ ପ୍ରମୁଖ ଅଛନ୍ତି।

### ସ୍କୁଲର ବାର୍ଷିକ ଉତ୍ସବ

**ବଡ଼ସାହି, ୧୯।୨(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ବୀରେଶ୍ୱରପୁର ଶିରିଡି ସାଇ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ପ୍ରତିଯୋଗିତାକୁ ସ୍କୁଲର ଅଧକ୍ଷ ବସନ୍ତ କୁମାର ଦ୍ୱିବେଦୀ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗଦିଶ କୁମାର ମିଶ୍ର ଓ ମୁଖ୍ୟବକ୍ତା ଭାସ୍କର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ଛାତ୍ରୀଛାତ୍ରଙ୍କ ମଧରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଘଟିଥାଏ ବୋଲି ପ୍ରକାଶ କରିଥିଲେ । ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଦିପ୍ତିପ୍ରଭା ରାଉତ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । କ୍ରୀଡାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଛି । ଖେଳ ଶିକ୍ଷକ ରଣଜିତ କର ଖେଳ ପରିଚାଳନା କରିଥିଲେ ।

# 'ଜମି ପଟ୍ଟା ପ୍ରଦାନ କର'

- ଅନ୍ୟତ୍ର ସ୍ଥାନାନ୍ତର ନେଇ ଚକ୍ରାନ୍ତ
- ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ



ବିକ୍ଷୋଭରେ ସାମିଲ ହୋଇଥିବା ମହିଳାପୁରୁଷ ।

**ବାରିପଦା ଅଫିସ, ୧୯।୨**

ସରକାରୀ ଜମିରେ ବସବାସ କରୁଥିବା ବାରିପଦା ମଧୁବନ ଅଞ୍ଚଳର ଲୋକଙ୍କୁ ଭୂମି ଅଧିକାର ପ୍ରମାଣପତ୍ର (ପଟ୍ଟା) ପ୍ରଦାନ କରିବାକୁ ଦାବି ହୋଇଛି। ଏ ନେଇ ଶତାଧିକ ମହିଳା ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଚକ୍ରାନ୍ତ କରାଯାଉଥିବା ଅଭିଯୋଗ ହୋଇଛି। ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ ଚଳାଇଥିବା ଚକ୍ରାନ୍ତ ପ୍ରୟାସକୁ ବିରୋଧ କରି ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ନିମନ୍ତେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ବାରିପଦା ମଧୁବନ ତଳସାହି ଓ ବଗିଚା ସାହିର ଲୋକେ ଦୀର୍ଘ ୫୦ ବର୍ଷ ଧରି ସରକାରୀଙ୍କ ଦେବୋତ୍ତର, ପିଡବ୍ଲ୍ୟୁଡି, ନୟନଯୋରୀ ଓ ଗୋଚର ଆଦି ସ୍ଥାନରେ ବସବାସ କରିଆସୁଛନ୍ତି। ବସ୍ତି ବାସିନ୍ଦାଙ୍କ ପାଇଁ ସରକାରଙ୍କ ପକ୍ଷରୁ କଂକ୍ରିଟ ରାସ୍ତା, ବିଜୁଳି, ପାଣି, ନାଳ ଆଦିର ବ୍ୟବସ୍ଥା ମଧ କରାଯାଇଛି। ସେଠାରେ ବସବାସ କରୁଥିବା ଲୋକଙ୍କୁ ପଟ୍ଟା ପ୍ରଦାନ ପାଇଁ ହାଉସିଂ ଏଣ୍ଡ ଆର୍ବାନ ଡେଭଲପ୍‌ମେଣ୍ଟ ବିଭାଗ ପକ୍ଷରୁ ଚିଠି ନମ୍ବର ୨୮୨୨୨/ତା ୩୦।୧୦।୨୦୧୮ରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ସରକାରୀ ସ୍ତରରେ ସର୍ଭେ କରାଯାଇ ସମସ୍ତଙ୍କ ଘରକୁ ପଟ୍ଟା ପ୍ରଦାନ ନିମନ୍ତେ ସର୍ଭେ ହୋଇଛି। ପଟ୍ଟା ପାଇବା ପାଇଁ ଷ୍ଟିକରିଂ କରାଯାଇଛି। ଗତ ୧୭ ଫେବୃୟାରୀରେ ହୋଇଥିବା ପିଠା କାର୍ଯ୍ୟକ୍ରମରେ ବାରିପଦା ପୌର ପରିଷଦ ପକ୍ଷରୁ ଆସିଥିବା କର୍ମଚାରୀ ଉକ୍ତ ବସ୍ତିର ବାସିନ୍ଦାମାନେ ଜମି ପଟ୍ଟା ପାଇପାରିବେ ନାହିଁ ବୋଲି ଘୋଷଣା କରିଥିଲେ। ବସ୍ତିର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଲୋକଙ୍କୁ ଦସ୍ତଖତ ମାରିବାକୁ କହିଥିଲେ। ଲୋକେ ଅରାଜି ହୋଇ କୌଣସି ଲୋକ ଦସ୍ତଖତ ମାରି ନ ଥିଲେ। ସରକାରୀ କର୍ମଚାରୀଙ୍କ ଏଭଳି ନିଷ୍ପତିକୁ ବିରୋଧ କରିବା ସହ ଅସନ୍ତୋଷ ପ୍ରକାଶ ପାଇଥିଲା। ପଟ୍ଟା ପ୍ରଦାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ପ୍ରଶାନ୍ତ କୁମାର ବେହେରା, ଶିବ ପ୍ରସାଦ ଗୁପ୍ତା, ଝରଣା ପ୍ରଧାନ, ଛବି ପରିଡା, ସବିତା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ପୁନଶ୍ଚ ସର୍ଭେ କରାଯାଇ ପଟ୍ଟା ପ୍ରଦାନ କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

# ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ


ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀ ।

**କପ୍ତିପଦା, ୧୯।୨(ଡି.ଏନ.ଏ.)**

ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପ୍ରୋତ୍ସାହନରେ କପ୍ତିପଦା ମହାବିଦ୍ୟାଳୟ ପରିସରରେ ଏକ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ସିଂହ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟାପକ ପ୍ରଣବ କିଶୋର ପାଢୀ, ସନ୍ତୋଷ କୁମାର ମହାନ୍ତି, ଅଧ୍ୟାପିକା ଅବନ୍ତି ଷଡ଼ଙ୍ଗୀ, ନିବେଦିତା ପଣ୍ଡା, କବିତା ମହାନ୍ତି, ଓ ରଞ୍ଜନ ପୁହାଣ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କର ଆତ୍ମସୁରକ୍ଷା କୌଶଳ ଶିକ୍ଷାର ଅଭିପ୍ରାୟ ଏବଂ ଏହାର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀ ଆତ୍ମ ସୁରକ୍ଷା ଶିବିରର ପ୍ରୋଗ୍ରାମ ଅଫିସର ଅନିତା ହାଁସଦା ଆଧୁନିକ ସଭ୍ୟ ସମାଜରେ ନାରୀ କିପରି ନିଜକୁ ସୁରକ୍ଷିତ ମନେ କରିବ ବିଭିନ୍ନ ଭୂମିକାକୁ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ୨ ଜଣ ମାଷ୍ଟର ଟ୍ରେନର ଶିବିରରେ ଯୋଗ ଦେଇଥିବା ଶହେ ଜଣ ପାଖାପାଖି ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି । ଅଧ୍ୟାପକ ବ୍ରଜେନ୍ଦ୍ର କୁମାର ଖଣ୍ଡା ମଞ୍ଚ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ ଓ ଅଣ ଶିକ୍ଷାକର୍ମଚାରୀ ଉପସ୍ଥିତ ଥିଲେ ।

# 'ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧେ ମେଳା'

**କପ୍ତିପଦା, ୧୯।୨(ଡି.ଏନ.ଏ)**

କପ୍ତିପଦା ବ୍ଲକ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତର କଟୁରିଆଠାରେ ୩୮ତମ ସରସ୍ୱତୀ ମେଳା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ନନ୍ଦଲାଲ ସେଠୀ ଅଧ୍ୟକ୍ଷତା କରିଛନ୍ତି। ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ବାସନ୍ତୀ ହେମ୍ବ୍ରମ୍, ମୁଖ୍ୟବକ୍ତା ଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ପଣ୍ଡା, ଜିଲା ପରିଷଦ ସଭ୍ୟା ସସ୍ମିତା ସିଂ ପୂର୍ତ୍ତୀ, ଲାବଣ୍ୟଦେଇପୁର ସରପଞ୍ଚ ସିନିଶ୍ରୀ ଦେଇ, ପୂର୍ବତନ ଜିଲା ପରିଷଦ ସଭ୍ୟା ତୁଳସୀ ମୁର୍ମୁ, ଆଦିବାସୀ ନେତା ତୁରାମ ସିଂ, ମାନସିଂ ମାଝୀ ପ୍ରମୁଖ ଯୋଗ ଦେଇ ମେଳା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଆଦିବାସୀ ଯୁବକ ସଂଘର ପୂର୍ବତନ ସଭାପତି ମହେଶ୍ୱର ରାଉତ ଓ ପୂର୍ବତନ ସଂପାଦକ ରାଜନ୍ ହାଁସଦାଙ୍କୁ ମା' ସରସ୍ୱତୀ ଗଣ ମହୋତ୍ସବ ସମ୍ମାନରେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବଶେଷରେ ଶିକ୍ଷକ ଗୌରବ ତୁରାମ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରକାଶଥାଉକି, ୧୦ ତାରିଖରେ ସାର୍ବଜନୀନ ମା' ସରସ୍ୱତୀ ମେଳାକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କବୀର ସିଂ ଆଦିବାସୀ ପରମ୍ପରା ଅନୁସାରେ ଉଦ୍‌ଘାଟନ କରିଥିଲେ। ସପ୍ତାହ ଧରି ଏହି ମେଳାରେ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଚଗୀତ, ଆଦିବାସୀ ଅପେରା, ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ମେଳାରେ ୨୦୦ରୁ ଊର୍ଦ୍ଧ୍ୱ ଦୋକାନୀ ନିଜର ପସରା ମେଲାଇ ଥିବାବେଳେ ଦର୍ଶକଙ୍କ ସଂଖ୍ୟା ଆଶାତୀତ ଭାବେ ଦେଖିବାକୁ ମିଳିଥିଲା । ଉଦ୍‌ଯାପନୀ ଉତ୍ସବରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିଲା।

# ପଞ୍ଚାୟତସ୍ତରୀୟ ବୈଠକ

**ବଡସାହି, ୧୯।୨(ସ.ପ୍ର.)**

ବଡସାହି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବଡସାହି ବ୍ଲକର ୨୧ଟି ପଞ୍ଚାୟତରେ ବିଜେଡି ପକ୍ଷରୁ ନିର୍ବାଚନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଶୁକ୍ରବାର ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତ ଦେଉଳିଆ ଗ୍ରାମରେ ସାଙ୍ଗଠନିକ ବୈଠକ ହୋଇଥିଲା। ବଡସାହି ବ୍ଲକ୍ ସଭାପତି ପ୍ରକାଶ ଚନ୍ଦ୍ର ଦଳେଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଡସାହି ବିଧାୟକ ଗଣେଶ୍ୱର ପାତ୍ର ଯୋଗଦେଇ ନବ ନିର୍ମିତ ମିଶନ ଶକ୍ତି ଗୃହକୁ ଉଦ୍‌ଘାଟନ କରିଥିଲେ। ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଷୀରୋଦ ଚନ୍ଦ୍ର ରାଉତ, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର, ଏମ୍‌ପି ପ୍ରତିନିଧି ରାକେଶ ମହାପାତ୍ର, ଜୋନାଲ ଛାତ୍ର ସମ୍ପାଦକ ଦୀପକ ସାହୁ, ମାଧପୁର ପଞ୍ଚାୟତ ସଭାପତି ଆଦିତ୍ୟ ବେହେରା, ଯୁବ ସଭାପତି ମନୋରଞ୍ଜନ ଲେଙ୍କା, ସୁଶାନ୍ତ ମହାପାତ୍ର, ମିନତି ସଦୁଆଳ ପ୍ରମୁଖ ଯୋଗ ଦେଇଥିଲେ। ଡାଣ୍ଟା ଆଦିବାସୀ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ଚନ୍ଦନ ପଡିଆ ଠାରୁ ଏକ ଶୋଭାଯାତ୍ରାରେ କର୍ମୀମାନେ ବୈଠକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପ୍ରାରମ୍ଭରେ ଫୁଲତୋଡା ଦେଇ ଅତିଥିମାନଙ୍କୁ ସ୍ୱାଗତ କରିବା ପରେ ସେମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ପଞ୍ଚାୟତର ଅନଙ୍ଗଭୂଷଣ ସଦୁଆଳ, ରବୀନ୍ଦ୍ର ଗଜେନ୍ଦ୍ର ମହାପାତ୍ର, ସଞ୍ଜୀବ ସଦୁଆଳ, ହରିନାରାୟଣ ବେହେରା, ପ୍ରଦ୍ୟୁମ୍ନ, ଗଜେନ୍ଦ୍ର ମହାପାତ୍ର, ନୀଳାମ୍ବର ଲେଙ୍କା ପ୍ରମୁଖ ସୁପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀଙ୍କୁ ମିଳିଲା ନାପ୍‌କିନ୍


ଜିଲାପାଳ ବିନୀତ ଭରଦ୍ୱାଜ ଛାତ୍ରୀଙ୍କୁ ନାପ୍‌କିନ ଦେଉଛନ୍ତି।

**ବାରିପଦା ଅଫିସ, ୧୯।୨**

ମୟୂରଭଞ୍ଜ ଜିଲାର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଙ୍କ ପାଇଁ 'ଖୁସି' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏ ନେଇ ରାଣୀଭୋଳ ବାଳିକା ବିଦ୍ୟାଳୟ ପରିସରରେ ମଙ୍ଗଳବାର 'ଖୁସି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳାକାନ୍ତ ପ୍ରହରାଜଙ୍କ ସଭାପତିତ୍ୱରେ ବ୍ୟକ୍ତିଗତ ଜୀବନରେ ଛାତ୍ରୀଙ୍କ ପାଇଁ ନାପ୍‌କିନର ମହତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏ ନେଇ ଛାତ୍ରୀଙ୍କୁ ନାପ୍‌କିନ ଦିଆଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ପିଏଆଇଟିଡିଏ ବିଜନ କୁମାର ଥମ୍ଭ ଓ ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁପ୍ରଭା ବେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ତ୍ରାହି ଅରକ୍ଷିତ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ


ସମ୍ମିଳନୀରେ ଯୋଗଦେଇଥିବା ସାଧୁମାନେ ।

**କପ୍ତିପଦା, ୧୯।୨(ଡି.ଏନ.ଏ.)**

କପ୍ତିପଦା ବ୍ଲକ୍‌ର ବଡ଼ବିଶୋଳ ପଞ୍ଚାୟତର ସାନବିଶୋଳ ଗ୍ରାମରେ ଅଁଳାଶୁଣୀ ଗୁମ୍ଫା ଶାଖା ତ୍ରାହି ଅରକ୍ଷିତ ଆଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା, ସାଧୁସନ୍ଥ ଓ ଭକ୍ତମାନଙ୍କ ସମବେତରେ ବେଦଧ୍ୱନି ଓ ଅଖଣ୍ଡ ନାମ ସଙ୍କୀର୍ତ୍ତନ, ଭାଗବତ ଗୀତା ପଠନ କାର୍ଯ୍ୟକ୍ରମ ଏବଂ ଯଜ୍ଞକର୍ମ ଆରମ୍ଭ ହୋଇଥିଲା। ତ୍ରାହି ଅରକ୍ଷିତ ଆଶ୍ରମର ପରମଗୁରୁ ଗୋବିନ୍ଦ ଚନ୍ଦ୍ର ଦାସ, ଗୁରୁ ରତ୍ନାକର ଦାସ ବାବାଙ୍କର ଶ୍ରାଦ୍ଧ ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ସାଧୁସନ୍ଥ ସମ୍ମିଳନୀରେ ଓଳାଶୁଣୀ ଗୁମ୍ଫାର ଅନନ୍ତ ବାବା, ବାରାପୁର ଆଶ୍ରମର କାଳନ୍ଦୀ ବାବା, କଟକ ଯାଜପୁରର ଧୁଣ୍ଡ ବାବା, ସିଦ୍ଧିଗିରି ମଠର ବିଶ୍ୱନାଥ ଦାସ, ଭଦ୍ରକରୁ ଉପେନ୍ଦ୍ର ଦାସ, ଗୋପାଳପୁରରୁ ବସନ୍ତ ଦାସ, ଦେଖଣ୍ଡରୁ ଗୌରାଙ୍ଗ ଦାସ ଏବଂ ବିଶୋଳ ମଠର ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

# ଝିଙ୍କେଶ୍ୱର ପୀଠରେ ଶିବରାତ୍ରି ମେଳା ପ୍ରସ୍ତୁତି ବୈଠକ

**କପ୍ତିପଦା, ୧୯।୨(ଡି.ଏନ.ଏ.)**

ଉତ୍ତର ଓଡ଼ିଶାର ପ୍ରମୁଖ ଶୈବ ପୀଠ କପ୍ତିପଦା ବ୍ଲକ୍‌ର ଝିଙ୍କେଶ୍ୱର ପୀଠରେ ଜାଗର ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି ତଥା ସ୍ଥାନୀୟ ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟିର ସଭାପତି ହରିଶ୍ଚନ୍ଦ୍ର ସାଏ ଅଧ୍ୟକ୍ଷତା କରିଥିଲେ। ଶିବରାତ୍ରି ମେଳା ଆନନ୍ଦ ଉଲ୍ଲାସର ସହ ପାଳନ କରାଯିବା ଦିଗରେ ସମସ୍ତ ବିଭାଗ, ସ୍ଥାନୀୟ ପ୍ରଶାସନ ଏବଂ ପରିଚାଳନା କମିଟିର ସଦସ୍ୟ ସେମାନଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। କପ୍ତିପଦା ଥାନାର ଭାରପ୍ରାପ୍ତ ଅଧିକାରୀ ରୀନା ବେହେରା ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆକସ୍ମିକ ଅଗ୍ନିକାଣ୍ଡରୁ ସୁରକ୍ଷା ପାଇଁ ଅଗ୍ନି ନିର୍ବାପନ ଅଧିକାରୀ ତରୁଣ କୁମାର ଦାସ ମଧ୍ୟ ଉପସ୍ଥିତ ରହି ନିଜର ମତ ରଖିଥିଲେ। ପରିଚାଳନା କମିଟିର ସମ୍ପାଦକ ବନମାଳୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟତଃ ପାନୀୟଜଳ, ସ୍ୱାସ୍ଥ୍ୟ ଓ ପରିମଳ, ଅଗ୍ନିଶମ ଏବଂ ବିଦ୍ୟୁତ୍ ବିଭାଗର ଅଧିକାରୀମାନଙ୍କୁ କମିଟି ତରଫରୁ ସେମାନଙ୍କର ସହଯୋଗ କାମନା କରାଯାଇଥିଲା। ଏହି ମେଳା ୧୫ଦିନ ଧରି ଚାଲିବ ବୋଲି ଜଣାଯାଇଛି। ଶିବରାତ୍ରି ପୂର୍ବଦିନ ରାତ୍ରି ୩ ଘଟିକାରେ ଠାକୁରଙ୍କର ସମସ୍ତ ନୀତି ସମ୍ପନ୍ନ ହେବା ପରେ ରାତ୍ରି ୪ଟାରୁ ମାନସିକ ପୂଜା ଆରମ୍ଭ ହେବ ବୋଲି ମନ୍ଦିରର ମୁଖ୍ୟପୂଜକ ଚନ୍ଦ୍ର ଶେଖର ମିଶ୍ର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ହରିଶ୍ଚନ୍ଦ୍ର ବେହେରା, ଜଗନ୍ନାଥ ଖଣ୍ଡା, ଈଶ୍ୱର ଚନ୍ଦ୍ର ପାଢ଼ୀ, ଲୋକନାଥ ପାଣ୍ଡିଆ, ବାବୁରାମ ସାହୁ, ଉପସଭାପତି ସୁବାସ ଚନ୍ଦ୍ର ସାଏ, ସହସମ୍ପାଦକ ଆଶୁତୋଷ ସାହୁ, ତତ୍ତ୍ୱାବଧାରକ କାର୍ତ୍ତିକ ଚନ୍ଦ୍ର ମିଶ୍ର, ଉପକୋଷାଧ୍ୟକ୍ଷ ସଞ୍ଜୟ ବିନ୍ଧାଣୀ ତଥା ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇଥିଲେ ।

# ୧୦୬ ୟୁନିଟ୍ ରକ୍ତ ସଂଗୃହୀତ


ଦୁଇ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି।

**ବାରିପଦା ଅଫିସ, ୧୯।୨**

ବାରିପଦାସ୍ଥିତ ବିଜୁ ଭବନରେ ଜିଲା ବିଜୁ ଯୁବ ଜନତା ଦଳ ଓ ଜିଲା ଜୀବନବିନ୍ଦୁ କାର୍ଯ୍ୟକ୍ରମର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଜେଡ଼ି ନେତା ରଘୁନାଥ ମହାନ୍ତି(ଝିନ)ଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏହି ଶିବିର ଆୟୋଜନ କରାଯାଇଛି । ଯୁବ ବିଜେଡି ଜିଲା ସଭାପତି ତଥା ଜୀବନବିନ୍ଦୁ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମୋଟ ୧୦୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରକୁ ଉପବାଚସ୍ପତି ତଥା ବାରିପଦା ବିଧାୟକ ସାନନ୍ଦ ମାରାଣ୍ଡି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ତଥା ମୋରଡ଼ା ବିଧାୟକ ମହାରାଜା ପ୍ରବୀଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବିଜେଡିର ଜୋନାଲ ସଭାପତି ସୁବ୍ରମଣ୍ୟମ ମହାନ୍ତି, ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡି ପ୍ରମୁଖଙ୍କ ସମେତ ସମସ୍ତ ପୂର୍ବତନ ବିଜେଡି କାଉନସିଲର ବୃନ୍ଦ, ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଗହଣା ସହ ଟଙ୍କା ଚୋରି

**ବଡ଼ସାହି, ୧୯।୨(ସ୍ୱ.ପ୍ର.)**

ବଡ଼ସାହି ଥାନା ଅଧୀନ ବଳଭଦ୍ରପୁର ଗ୍ରାମର ଜଣଙ୍କ ଘରୁ ଗହଣା ସହ ଟଙ୍କା ଚୋରି ହୋଇଛି। ଗ୍ରାମର ନିତ୍ୟଗୋପାଳ ବଳା ଓ ତାଙ୍କ ସ୍ତ୍ରୀ ଗାଁ ଶିବ ମନ୍ଦିରକୁ ପ୍ରବଚନ ଶୁଣିବାକୁ ସୋମବାର ରାତିରେ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଦମ୍ପତିଙ୍କ ଘରେ ପଶି ଆଲମିରାରୁ ଗହଣା ଓ ଟଙ୍କା ଚୋରି କରିଥିବା ବଡ଼ସାହି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସାନକେରକୋ ଲ୍ୟାମ୍ପ୍ସରେ ଉତ୍ତେଜନା

**ବଡ଼ସାହି, ୧୯।୨(ସ୍ୱ.ପ୍ର.)**

ବଡ଼ସାହି ବ୍ଲକ ଅଧୀନ ସାନକେରକୋ ଲ୍ୟାମ୍ପ୍ସରେ ଧାନର ଅଭାବୀ ବିକ୍ରିକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଛି। ମଙ୍ଗଳବାର କେତେକ ଚାଷୀ ବିରୋଧ କରିବାରୁ ଧାନକିଣା ପ୍ରଭାବିତ ହୋଇଛି। ଏହି ଲ୍ୟାମ୍ପ୍ସରେ ୨୬ କ୍ୱିଣ୍ଟାଲ ୮ ଶହ ଧାନ କିଣିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ଥିଲା। ୧୨ ପଞ୍ଚାୟତର ୧୪୬୧ ଜଣ ପଞ୍ଜିକୃତ ଚାଷୀଙ୍କଠାରୁ ଅଦ୍ୟାବଧି ୨୦ ହଜାର କ୍ୱିଣ୍ଟାଲ ଧାନ କିଣା ହୋଇଛି। ବାକି ଧାନ କିଣା ପାଇଁ ନିର୍ଦ୍ଦେଶ ଆସି ନ ଥିବାରୁ ଅଞ୍ଜନ ସାହୁ, ଶତ୍ରୁଘ୍ନ ମହାନ୍ତ ଓ ନାରାୟଣ ସିଂଙ୍କ ପରି ଅନେକ ଚାଷୀ ସେମାନଙ୍କର ଧାନ ବିକ୍ରି କରିପାରି ନାହାନ୍ତି।



ଧାନ ବିକ୍ରି କରିପାରି ନ ଥିବା ଚାଷୀ।

### ଧାନର ଅଭାବୀ ବିକ୍ରି

ଅନ୍ୟପଟେ ଧାନ ବିକ୍ରି କରିପାରି ନ ଥିବା ଚାଷୀଙ୍କୁ ମଙ୍ଗଳବାର ଟୋକନ ପ୍ରଦାନ କରାଯିବା କଥା। ନିର୍ଦ୍ଦେଶ ନ ଥିବା କହି ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ ଟୋକନ ନ ଦେବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀଙ୍କୁ ସମର୍ଥନ ଜଣାଇ ଭାଜପା ନେତା ପ୍ରୀୟବ୍ରତ ମାଝୀ ଘଟଣାସ୍ଥଳରେ ପହଞ୍ଚି କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ଜିଲା ଯୋଗାଣ ଅଧିକାରୀ କିଶୋର କୁମାର ପାତ୍ରଙ୍କ ସହ ଆଲୋଚନା କରି ଧାନ କିଣାରେ ଅଗ୍ରାଧିକାର ଦିଆଯିବା ବୋଲି ପାତ୍ର କହିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଗିରଫ ହେଲେ ଯୁବକ

**ବଡ଼ବିଲ, ୧୯।୨(ସ୍ୱ.ପ୍ର.):** ବଡ଼ବିଲ ଥାନାଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଝାଡଖଣ୍ଡ ପଶ୍ଚିମ ସିଂହଭୂମ ଜିଲା ଗୁଆ ଥାନା ଅନ୍ତର୍ଗତ ବିଚକିରି ଗ୍ରାମର ସଞ୍ଜୟ ବଡାଇକ। ସଞ୍ଜୟ ବିବାହର ପ୍ରତିଶ୍ରୁତି ଦେଇ ବାମେବାରୀ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଆଣି ବଡ଼ବିଲରେ ରଖିଥିଲେ। ସଞ୍ଜୟ ପରେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପାଇଁ କହିବାରୁ ସମ୍ପୃକ୍ତ ମହିଳାଙ୍କୁ ସଞ୍ଜୟ ଅଶାଳୀନ ବ୍ୟବହାର କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ମହିଳାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ୪୦ ଫୁଟ ତଳକୁ ଖସିଲା ଆଇରନ୍ ବୋଝେଇ ଟ୍ରକ୍



**ଆନନ୍ଦପୁର, ୧୯।୨(ସ୍ୱ.ପ୍ର.):** ଆନନ୍ଦପୁରର ବହୁ ଚର୍ଚ୍ଚିତ ବେଲବାହାଲି ସେତୁରେ ମଙ୍ଗଳବାର ଏକ ଓଡି୦୫ଏଫ-୮୪୫୩ ନଂ ବିଶିଷ୍ଟ ଆଇରନ୍ ବୋଝେଇ ଦଶ ଚକିଆ ଭାରସାମ୍ୟ ହରାଇ ବାଡା ଭାଙ୍ଗି ୪୦ ଫୁଟ ତଳକୁ ଖସି ପଡ଼ିଛି। ଗାଡିର ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗାଡି ଆଇରନ ବୋଝେଇ କରି କେନ୍ଦୁଝରରୁ ପାରାଦୀପ ଅଭିମୁଖେ ଯାଉଥିଲା। ବେଲବାହାଲିଠାରେ ଥିବା ବ୍ରିଟିଶ ଅମଳର ସେତୁ ବିପଦପୂର୍ଣ୍ଣ ଭାବେ ରହିଛି। ସେତୁର ମରାମତି ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ଏପରି ଦୁର୍ଘଟଣା ଘଟୁଛି।

### ୫ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ



**ପାଟଣା, ୧୯।୨(ସ୍ୱ.ପ୍ର.):** ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୫ ନୂତନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରାଜନଗର, ଡୁମୁରିଆ, କେନ୍ଦେଇପଶି, ତୁରୁମୁଙ୍ଗା ଓ ଖିରେଇଟାଙ୍ଗିରି କେନ୍ଦ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟଣା ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡା. ଶୁଭେନ୍ଦୁ ସାଗର କୁମାର ନାଏକ, ଡା. ପ୍ରଜ୍ଞା ପରିମିତା ମହାନ୍ତ, ଡା. ସଂଘମିତ୍ରା ପ୍ରଧାନ, ଡା. ପ୍ରୀତିସ୍ମିତା ଖୁଣ୍ଟିଆ, ଡା. ମିତ୍ରଭାନୁ ଜେନା, ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଦୀପକ କୁମାର ନାୟକ ଓ ହିମାଂଶୁ ଶେଖର ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ କେନ୍ଦ୍ର ଗୁଡିକରେ ମାଗଣାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ରୋଗର ପରୀକ୍ଷା ସୁବିଧା ରୋଗୀ ପାଇ ପାରିବେ ବୋଲି ଜଣାଯାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଯୋଡ଼ା, ୧୯।୨(ଡି.ଏନ.ଏ.):** ବାମେବାରୀ ଥାନା ଜୁରୁଡି ହାଟପଦା ନିକଟରେ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ସହ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜୁରୁଡି ସାପ୍ତାହିକ ହାଟରୁ ଫେରୁଥିବା ବେଳେ କୌଣସି କାରଣରୁ ମଟର ସାଇକେଲ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୃତକ ଜଣଙ୍କ ହେଲେ ପିତାମ୍ବର ନାଏକ (୪୦)। ଆହତ ହୋଇଥିବା ଅନ୍ୟ ଜଣଙ୍କର ପରିଚୟ ମିଳିପାରିନାହିଁ। ମୃତ ପିତାମ୍ବରଙ୍କ ଘର ନଇଗାଁ କଣ୍ଡରାପଶି। ରାସ୍ତା ଶୋଚନୀୟ ହୋଇଥିବାରୁ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପଠାଇଥିଲା। ଜୁରୁଡିଠାରେ ସାପ୍ତାହିକ ହାଟ ଥିବାରୁ ସନ୍ଧ୍ୟା ବେଳେ ଟ୍ରାଫିକ୍ ଜାମ ରହିଥିଲା। ଦୁର୍ଘଟଣା ଘଟିବା ପରେ ଖଣିଜ ବୋଝେଇ ଟ୍ରକ୍ ଏବଂ ଅନ୍ୟ ଯାନବାହାନ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମରେ ଫସି ରହିଥିଲା।

# ମୁଖ୍ୟ ଚିକିତ୍ସାଳୟରେ ଅବହେଳାରୁ ଅବ୍ୟବସ୍ଥା

## ■ ସାଲାଇନ ଲାଗିଥିବା ଅବସ୍ଥାରେ ଶିଶୁଙ୍କୁ ଧରି ଡାକ୍ତରଖାନାରେ ବୁଲିଲେ ମା'ବାପା

**କେନ୍ଦୁଝର, ୧୯।୨(ସ୍ୱ.ପ୍ର.)**

ଜିଲା ମୁଖ୍ୟ ଡାକ୍ତରଖାନାରେ କର୍ମଚାରୀଙ୍କ ଅବହେଳା ଓ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଶିଶୁ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ୨ ମାସର ଗୁରୁତର ଶିଶୁକନ୍ୟାଙ୍କୁ ସାଲାଇନ ଲାଗିଥିବା ଅବସ୍ଥାରେ ମଙ୍ଗଳବାର ମା'ବାପା ଅପରେଶନ ଥିଏଟରରୁ ଅଣାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଡାକ୍ତରଖାନା କର୍ମଚାରୀ ବଦଳରେ ଶିଶୁଙ୍କ ମା'ବାପା ଚାଲି ପାଖାପାଖି ୨ ଶହ ମିଟର ଦୂରରେ ଥିବା ଶିଶୁ ୱାର୍ଡକୁ ଅଣାଯିବା ଓ ଦୁଇ ମହଲା ଉପରେ ଥିବା ଶିଶୁ ବେଡକୁ ନିଆଯିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଅସୁସ୍ଥ ଶିଶୁର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଷିପୁରା ବ୍ଲକ ଗୌଡସିଙ୍ଗା ଗ୍ରାମର ଦମ୍ପତି ଅର୍ଜୁନ କିସ୍କୁ ଓ ସୁନାଙ୍କ ୨ ମାସର କନ୍ୟା ସନ୍ତାନକୁ ଜ୍ୱର ହୋଇଥିଲା। ତାଙ୍କୁ ପ୍ରଥମେ ଆନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତିନିଦିନ ରହିବା ପରେ ଭଲ ନ ହେବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟଡାକ୍ତରଖାନାକୁ ପଠାଇଦେଇଥିଲେ। ୭ ଦିନ ହେଲା ଶିଶୁ କନ୍ୟାର ଅବସ୍ଥା ଭଲ ନ ହେବାରୁ ମଙ୍ଗଳବାର ଡାକ୍ତର ସାଲାଇନ ଦେବାକୁ ପରାମର୍ଶ ଦେଇଥିଲେ। ଶିଶୁର ସାଲାଇନ ଦେବା ପାଇଁ ହାତରେ ରକ୍ତ ଶିର ନ ପାଇବାରୁ ଦୂରରେ ଥିବା ସର୍ଜରୀ ୱାର୍ଡ ନିକଟ ଅପରେଶନ ଥିଏଟରକୁ ନିଆଯାଇଥିଲା। ସେଠାରେ ହାତରେ ଛୋଟ ଅପରେଶନ କରି ସାଲାଇନ ଲଗାଯାଇଥିଲା। ସାଲାଇନକୁ ବାପା ଧରି ଥିବା ବେଳେ ମା' ଶିଶୁକୁ ଧରି ୱାର୍ଡକୁ ଆସିଥିଲେ। ସାଙ୍ଗରେ ଡାକ୍ତର ଥିଲେ କି ସାଲାଇନ ଧରିବା ପାଇଁ କୌଣସି କର୍ମଚାରୀ ନ ଥିଲେ।

ଡାକ୍ତରଖାନାରେ ସବୁ ସୁବିଧା ଥିଲେ ହେଁ ଏପରି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସାଲାଇନ ହଲଚଲ ହୋଇଥିଲେ ବା ସାମାନ୍ୟ ଅସାବଧାନ ହେଲେ ଶିଶୁ ପ୍ରତି ବିପଦ ଥିବା ସତ୍ତ୍ୱେ ଡାକ୍ତରଖାନା କର୍ମଚାରୀ ସାଲାଇନ ଲଗାଇ ଶିଶୁକୁ ଆଣିବାରେ ସହାୟତା ନ କରିବା



ମା'ବାପା ଶିଶୁକୁ ନେଉଛନ୍ତି।

ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଭଳି ଘଟଣାର ପୁନରାବୃତ୍ତି ହେବା ଉଚିତ ନୁହେଁ ବୋଲି ଆଇନଜୀବୀ ସନ୍ତୋଷ ସାହୁ କହିଛନ୍ତି। ଅନ୍ୟ ପକ୍ଷରେ ପାଖରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଅପରେଶନ ଥିଏଟର ରହିଥିଲେ ହେଁ ଶିଶୁକୁ ଦୂରକୁ କିପରି ନିଆଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏଡିଏମଓ ମେଡିକାଲ ତଥା ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. କେ.ସି.ପୃଷ୍ଟିଙ୍କୁ ପଚାରିବାରୁ ଶିଶୁକୁ ବ୍ରେନ ଜ୍ୱର ହୋଇଥିବାରୁ ଗୁରୁତର ଅବସ୍ଥାରେ ସେଠାରେ ରଖି ଚିକିତ୍ସା କରାଯାଉଛି। ସୋମବାର ରାତିରେ ସାଲାଇନ ଦେବା ପାଇଁ ଚେଷ୍ଟା କରାଯାଇଥିଲା। ଭେନ ନ ମିଳିବାରୁ ଅପରେଶନ ଥିଏଟରକୁ ପଠାଇ ସାଲାଇନ ଲଗାଯାଇଥିଲା। ତାଙ୍କ ସହ ଆଟେଣ୍ଡାଣ୍ଟ ଦିଆଯାଇଥିଲା। କାହିଁକି ଆଟେଣ୍ଡାଣ୍ଟ ନ ଥିଲେ ତାହା ଯାଞ୍ଚ କରିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ମନମୋହିଲା ଆଦିବାସୀଙ୍କ ନୃତ୍ୟ

**ହାଟଡ଼ିହୀ, ୧୯।୨(ଡି.ଏନ.ଏ.)**

ସରକାରଙ୍କ ଦ୍ୱାରା ଆୟୋଜିତ 'ପିଠା' କାର୍ଯ୍ୟକ୍ରମ ଏକ ନିଆରା ଢଙ୍ଗରେ ଅନୁଷ୍ଠିତ ହୋଇଛି। ହାଟଡିହୀ ବ୍ଲକ ଅନ୍ତର୍ଗତ ବାଙ୍ଗୋର, ଧର୍ନୁଜୟପୁର ଓ ହଦଗଡ଼ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦିବାସୀଙ୍କ ନୃତ୍ୟ ମନମୋହି ଥିଲା। ଧର୍ନୁଜୟପୁର ପଞ୍ଚାୟତର ସରପଞ୍ଚ ଅନପୂର୍ଣ୍ଣା ରାଉତ, ବାଙ୍ଗୋରରେ ସରପଞ୍ଚ ସୁପ୍ରଭା ରାଉତ, ହଦଗଡ଼ରେ ସରପଞ୍ଚ ଅଶୋକ ଜେନା ପ୍ରମୁଖ ଅଧକ୍ଷତା କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପିଇଓଚନ୍ଦ୍ର ଶେଖର ସୋରେନ, ଭିଏଡବ୍ଲୁ କେଦାରନାଥ ଭୋଳ, ନାଏବ ସରପଞ୍ଚ ନାରଣ ସାମଲ, ସମିତି ସଭ୍ୟ କନକକାନ୍ତି ରାଉତ, ଯନ୍ତ୍ରୀ ସୁଧାକର ପଣ୍ଡା, ଅଙ୍ଗନୱାଡ଼ି ସୁପରଭାଇଜର ରେଣୁବାଳା ଜେନା, ସମିତି ସଭ୍ୟ ବିବେକାନନ୍ଦ ରାଉତ, ପିଇଓ ଚନ୍ଦ୍ର ଶେଖର ସୋରେନ, ନାଏବ ସରପଞ୍ଚ ଶୁକଦେବ ସାହୁ, ପିଇଓ ଜିତେନ୍ଦ୍ର ଜେନା, ଅଙ୍ଗନୱାଡ଼ି କର୍ମଚାରୀ, ସ୍ୱାସ୍ଥ୍ୟବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ହିତାଧିକାରୀଙ୍କୁ ଭତା, ଏଲଇଡି ବଲ, ରାଶନ କାର୍ଡ଼ ଆଦି ବଣ୍ଟନ କରାଯାଇଥିଲା।

## ଡକାୟତି ମାମଲାରେ ୭ ବର୍ଷ ଜେଲ

**କେନ୍ଦୁଝର, ୧୯।୨(ସ୍ୱ.ପ୍ର)**

ଏକ ଡକାୟତି ମାମଲାର ସ୍ଥାନୀୟ ଜିଜେଏମ କୋର୍ଟରେ ବିଚାର ହୋଇ ଜଣେ ଦୋଷୀଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ମିଳିଛି। ଏଥିସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ରହିଛି। ଜରିମାନା ଅନେଦେୟ ହେଲେ ଆଉ ଏକ ବର୍ଷ ସଶ୍ରମ କାରଦଣ୍ଡ ଭୋଗିବାକୁ ଆଦେଶ ରହିଛି। ସେ ହେଲେ ବରୁଣ ଦେ। ତାଙ୍କ ଘର ଝାରଖଣ୍ଡର ପଶ୍ଚିମସିଂଭୂମ ଜିଲା ନୂଆମୁଣ୍ଡି ଥାନା ଡାଙ୍ଗୁଆପଶି ଗ୍ରାମରେ ବୋଲି ଜଣାପଡିଛି।

୧୦ ଅଗଷ୍ଟ ୨୦୦୯ରେ କାଳିଆପାଣିରେ ଥିବା ଏକ ମାଇନ୍ସରେ କାମ କରୁଥିବା ସାମସୁନ ହୋଦା ଓ ତାଙ୍କ ସ୍ତ୍ରୀ କେନ୍ଦୁଝର ଦେଇ ଝାରଖଣ୍ଡ ଜୟନ୍ତିଗଡକୁ ବାଇକ୍‌ରେ ଯାଉଥିଲେ। ହରିଚନ୍ଦନପୁର ଥାନା ଦାନ୍ତୁଆଣି ଘାଟିରେ ବରୁଣ ଦେଙ୍କ ସମେତ ୪ ଜଣ ଦୁଇ ବାଇକରେ ଆସି ସେମାନଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ସାମସୁନଙ୍କ ସ୍ତ୍ରୀଙ୍କଠାରୁ ସୁନା ଚେନ, କାନ ଫୁଲ, ମୋବାଇଲ, ବାଇକ ସହ ୩୫ ଶହ ଟଙ୍କା ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେମାନେ ଆସିଥିବା ବାଇକ୍‌ର ନମ୍ବରକୁ ଭିତ୍ତିକରି ସାମସୁନ ହରିଚନ୍ଦନପୁର ଥାନାରେ ଏତଲା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମହେଶ ପ୍ରଧାନ ସୁମନ୍ତ ପ୍ରଧାନ, ବରୁଣ ଦେଙ୍କୁ ପୋଲିସ ଗିରଫ କରିଥିଲା ବେଳେ ଶରତ ଜେନା ଫେରାର ହୋଇଯାଇଥିଲେ। ଧରାପଡିଥିବା ୩ ଜଣ ପରେ ଜାମିନରେ ଜେଲ ହାଜତରୁ ବାହାରି ଥିଲେ। ୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି ମାମଲାର ଶୁଣାଣି ହୋଇଥିଲା। ମଙ୍ଗଳବାର ବରୁଣ ହାଇକୋର୍ଟଙ୍କଠାରୁ ଆନୁମତି ନେଇ କୋର୍ଟରେ ସରେଣ୍ଡର କରିଥିଲେ। ସିଜେଏମ୍ ତିରନ ପାତ୍ର ବରୁଣ ମଙ୍ଗଳବାର ବିଚାର କରି ଏହି ଦଣ୍ଡାଦେଶ ଦେଇଥିବା ସରକାରୀ ଓକିଲ ଅଶୋକ ଦାସ କହିଛନ୍ତି।

### ସ୍କୁଲରେ ଭଙ୍ଗାରୁଜା, ଉତ୍ତେଜନା

**ହାଟଡ଼ିହୀ, ୧୯।୨(ଡି.ଏନ.ଏ.)**

ହାଟଡିହୀ ବ୍ଲକ ଗେଡ଼ମା ପଞ୍ଚାୟତର ଜଳସରପୁର ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ମଙ୍ଗଳବାର ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି। ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଗ୍ରାମବାସୀ ଓ କମିଟି ମେମ୍ବର ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ଶିକ୍ଷୟିତ୍ରୀ ଜଣଙ୍କ ମନମୁଖୀ କାର୍ଯ୍ୟ କରି ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିବା ଓ ବିଶୃଙ୍ଖଳିତ ଆଚରଣ କରୁଥିବା କମିଟି ମେମ୍ବର ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ମଙ୍ଗଳବାର ଭଙ୍ଗାରୁଜାଠାରୁ ଆରମ୍ଭ କରି ବିଦ୍ୟାଳୟରେ ତାଲା ପଡ଼ିବା ପର୍ଯ୍ୟନ୍ତ ଘଟଣା ଘଟିଛି। ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ଦାବି ଜୋର ଧରିଛି। ଶିକ୍ଷୟିତ୍ରୀ ଜଣଙ୍କ କହିଛନ୍ତି ଯେ, ମୋ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର। ଏ ନେଇ ଏବିଇଓ ଧନେଶ୍ୱର ଖଣ୍ଡେଇ କହିଛନ୍ତି ଯେ, ଘଟଣା ଦିଗରେ ଅନୁଧ୍ୟାନ କରାଯାଉଛି।

## ୩ ମୋରମ ବୋଝେଇ ହାଇୱା ଜବତ

**ଆନନ୍ଦପୁର, ୧୯।୨(ସ୍ୱ.ପ୍ର.)**

ଆନନ୍ଦପୁର ଉପଖଣ୍ଡରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନାମରେ ବ୍ୟାପକ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ହେଉଥିବା ନଜରକୁ ଆସୁଛି। ରାଜସ୍ୱହାନି ଘଟୁଥିବା ବେଳେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଅଭାବରୁ ତାହା ରୋକା ଯାଇପାରୁନି। ବୈତରଣୀ ବାମପାର୍ଶ୍ୱ କେନାଲ କାର୍ଯ୍ୟରେ ବ୍ୟବହାର ନିମନ୍ତେ ହାଟଡିହୀ ତହସିଲ ଅଧୀନ ଝଣଝଣାଠାରୁ ତିନିଗୋଟି ହାଇୱା ଯୋଗେ ମୋରମ୍ ଆନନ୍ଦପୁରକୁ ଆସୁଥିଲା। ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ସେଗୁଡିକୁ ଯାଞ୍ଚ କରିବା ସମୟରେ ଉକ୍ତ ଚାଲାଣ ବେଆଇନ ଥିବା ଦର୍ଶାଇ ହାଇୱାକୁ ଜବତ କରିଥିଲେ। ଗାଡିର ନଂ. ଓଆର୧୯ଏମ୍-୭୧୧୨, ଓଆର୦୧ଏସ୍-୨୬୦୨ ଓ ଓଡି୨୨ସି-୩୭୭୮ ଜବତ ହୋଇଛି। ହାଟଡିହୀ ତହସିଲ ପକ୍ଷରୁ ଟିପି (ଟେମ୍ପରାରି ପରମିଟ୍) ଜରିଆରେ ଏହି ମୋରମ ଚାଲାଣ ହେଉଥିଲା। ଆନନ୍ଦପୁର ତସହସିଲଦାର ତପନ କୁମାର ନାୟକ କହିଛନ୍ତି ଯେ, ଉନ୍ନୟମୂଳକ କାର୍ଯ୍ୟରେ ବ୍ୟବହାର ପାଇଁ ମୋରମ ଚାଲାଣ ହେଉଥିଲେ ବି କାଗଜପତ୍ର ଠିକ୍ ନ ଥିବାରୁ ଗାଡିକୁ ଜବତ କରାଯାଇଛି। ଉପଜିଲାପାଳଙ୍କ ସହ ଆଲୋଚନା ପରେ ଜରିମାନ ଆଦାୟ କରାଯାଇ ଗାଡିଗୁଡିକୁ ଛଡାଯିବ। ଏହି ଗାଡି ଜବତ ଘଟଣାକୁ ନେଇ କମ୍ପାନୀ ପକ୍ଷରୁ ସଫେଇ ଦେବାକୁ ଆସିଥିବା କେନାଲ ଡିଭିଜନ୍ ଏସଡିଓ ବେଆନ ମୋରମ ଚାଲାଣ ସମ୍ପର୍କରେ କୌଣସି ଉତ୍ତର ଦେଇ ନ ଥିଲେ।




ତହସିଲ ପକ୍ଷରୁ ଜବତ ହୋଇଥିବା ୩ ହାଇୱା।

## ଫକୀରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକୋତ୍ସବ

**ଆନନ୍ଦପୁର, ୧୯।୨(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ ଫକୀରପୁରଠାରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଆଞ୍ଚଳିକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧକ୍ଷ ଡ. ଶ୍ରୀକାନ୍ତ ପାଇକରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟବକ୍ତା, ଯୁବକବି ଅଶୋକ ପୁହାଣ ସମ୍ମାନିତ ବକ୍ତା, ଆଞ୍ଚଳିକ ମହାବିଦ୍ୟାଳୟ ବନ୍ତର ଅଧକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ଏବିଇଓ ଚତୁର୍ଭୁଜ ପହି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।



ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଶିକ୍ଷୟିତ୍ରୀ ଅର୍ଚ୍ଚନା ପଣ୍ଡା ଅତିଥି ପରିଚୟ ଦେଇଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ସୁଶାନ୍ତ କୁମାର ପତି ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଣିକବାଳା ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମାଗୁରୁଜୀ ପଦ୍ମିନୀ ମିଶ୍ର, ମମତାମଞ୍ଜରୀ ଦାସ, ସୁଚିତ୍ରା ସେଠୀ, ସ୍ୱର୍ଣ୍ଣ ସୁତାର, ଗୋଲାପ ଦେହୁରି, ସୁଜାତା ନାହାକ, ମନ୍ଦାକିନୀ ନାଥ, ପରମାନନ୍ଦ ସେଠୀ, ଦିବ୍ୟରଞ୍ଜନ ସେଠୀ, ତପନ ନାଥ, ଭାଗୀରଥି ପଣ୍ଡା, କାର୍ତ୍ତିକେଶ୍ୱର ରାଉତ, ମନୋଜ ପଣ୍ଡା, ପଦ୍ମନ ରାଉତ ପ୍ରମୁଖଙ୍କ ସହ ଛାତ୍ରୀଛାତ୍ର ପରିଚାଳନା କରିଥିଲେ। ସନ୍ଧ୍ୟା ସମୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଭତ୍ତା ପାଇଁ ଅର୍ଥ ଆଦାୟ

**ଝୁମ୍ପୁରା, ୧୯।୨(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକର ଝୁମ୍ପୁରା ସମେତ ଅନେକ ପଞ୍ଚାୟତରେ ରାଶନ କର୍ଡ ବଣ୍ଟନରେ ଅନିୟମିତତା ହୋଇଥିବା ବେଳେ ଏବେ ଭତ୍ତା ପ୍ରଦାନ ପାଇଁ ଅର୍ଥ ଦାବି କରାଯାଉଥିବା ଅଭିଯୋଗ ହୋଇଛି। ରାଶନ କାର୍ଡର ତଦନ୍ତ କରିବାକୁ ବ୍ଲକ ପ୍ରଶାସନ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇ ଚୁପଚାପ ବସି ଯାଇଛନ୍ତି। ଏବେ ଭତ୍ତା ପ୍ରଦାନରେ ଟଙ୍କା ମାଗିବା, ଟଙ୍କା ନ ଦେଲେ ଭତ୍ତା ଦରଖାସ୍ତ ନାଲି ଫିତା ତଳେ ଚାପି ଦେବା ଭଳି ଅଭିଯୋଗ ପଦାକୁ ଆସିଛି।

ଝୁମ୍ପୁରା ପଞ୍ଚାୟତର ସୁପାରୀ ନାଏକଙ୍କ ସ୍ୱାମୀ ନେତ୍ରଙ୍କ ୧୦ ବର୍ଷ ହେଲା ପରଲୋକ ହୋଇଛି। ସେବେଠାରୁ ବାସନ ମାଜି ସୁପାରୀ ନିଜ ପରିବାର ପୋଷୁଛନ୍ତି। ସୁପାରୀ ଭତ୍ତା ପାଇଁ ୬ ଥରରୁ ଅଧିକ ଦରଖାସ୍ତ କରିଛନ୍ତି। ତାଙ୍କ କଥା ଶୁଣା ଯାଉ ନାହିଁ ଅବିବାହିତ ଯୁବତୀ ବାସନ୍ତୀ ଖଣ୍ଡା(୫୫)ଙ୍କୁ ମଧ୍ୟ ଭତ୍ତା ମିଳୁନି। ହାତିଗୁଞ୍ଜା ଦେବା ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ। ତେଣୁ ଭତ୍ତା ମିଳିପାରୁନି। ଭତ୍ତା ପାଇଁ ଟଙ୍କା ମଗାଯାଉଥିବା ଝୁମ୍ପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ପ୍ରଧାନ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଝୁମ୍ପୁରା ପଞ୍ଚାୟତର ଜଣେ ବ୍ୟକ୍ତିଙ୍କୁ ଭତ୍ତା ମିଳୁଛି। ସେ ପୁଣି ଥରେ ଭତ୍ତା ପାଇଁ ଆବେଦନ କରିଥିବାରୁ ମଞ୍ଜୁର ହୋଇଥିବା ଅଭିଯୋଗେ ହୋଇଛି। ଏ ସବୁର ତଦନ୍ତ କରିବାକୁ ଝୁମ୍ପୁରା ପଞ୍ଚାୟତ ସମିତି ସଭ୍ୟ ଦୃଢ ଦାବି କରିଛନ୍ତି। ଏ ନେଇ ବ୍ଲକ ଏସଇଓ ପଦ୍ମଲୋଚନ ବେହେରାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।। ବିଡିଓ ଜୟଶ୍ରୀ ବେଉରାଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**କେନ୍ଦୁଝର, ୧୯।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ୪୯ ନମ୍ବର ଜାତୀୟ ରାଜପଥର ଟାଉନ ଥାନା ଅନ୍ତର୍ଗତ ଢୁଡିଆ ଘାଟି ନିକଟରେ ମଙ୍ଗଳବାର ଏକ ଟ୍ରେଲର ସହ ବାଇକ୍ ଧକ୍କା ହେବାରୁ ସ୍କୁଲକୁ ପାଠ ପଢାଇବାକୁ ଯାଉଥିବା ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ମୌସୁମୀ ଦାସ ଅଧିକାରୀ। ସେ ବାଂଶପାଳ ବ୍ଲକ ତେନ୍ତୁଳି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏକ ବାଇକ୍ ଯୋଗେ ନିଜ ସ୍ୱାମୀ ପ୍ରଫୁଲ୍ଲଙ୍କ ସହ ସେ ସ୍କୁଲ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଥିଲା। ତାଙ୍କ ସ୍ୱାମୀ ସାମାନ୍ୟ ଆହତ ହୋଇଥିଲେ। ମୌସୁମୀଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୌସୁମୀଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଫେରାର ହୋଇଥିବା ଟ୍ରେଲରକୁ ପୋଲିସ ଜବତ କରିଛି। ଖବର ପାଇ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରି ତଦନ୍ତ କରୁଛି।

## ପାଠାଗାର ଉଦ୍‌ଘାଟନ, ପ୍ରତିମୂର୍ତ୍ତି ଉନ୍ମୋଚନ

**ଆନନ୍ଦପୁର, ୧୯।୨(ସ୍ୱ.ପ୍ର.)**

ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ସାଇଁକୁଳଠାରେ ଥିବା ପତିତପାବନ ମହାବିଦ୍ୟାଳୟ ପରିସରରେ ୭୦ ଲକ୍ଷ ଟଙ୍କାର ପାଠାଗାର ଓ ପ୍ରଶାସନିକ ଗୃହର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ନେତାଜୀ ସୁଭାଷଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ମାୟାଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରତିଷ୍ଠା ସଦସ୍ୟ ବାଞ୍ଛାନିଧି ରଥ, ସାଇଁକୁଳ ସରପଞ୍ଚ ବିଭାଷ କୁମାର ନାୟକ, ପରିଚାଳନା ସମିତି ସଦସ୍ୟ ନନ୍ଦ କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ସବିତାରାଣୀ ମିଶ୍ର, ଓଡିଆ ବିଭାଗ ପ୍ରାଧ୍ୟାପକ ଗଜେନ୍ଦ୍ର କୁମାର ସେନାପତି, ଇଂଲିଶ ଅଧ୍ୟାପିକା ପୁଷ୍ପଲତା ପାଢୀ, ରାଜନୀତି ବିଜ୍ଞାନର ଅଧ୍ୟାପିକା ସୌମ୍ୟାସୁଚରିତା ସାହୁ, ଖେଳଶିକ୍ଷକ ତପନ କୁମାର ପଣ୍ଡା, ଅଧ୍ୟାପକ ନରେନ୍ଦ୍ର ସାହୁ ଏବଂ ଏନସିସି ଅଫିସର ଜୟଦେବ ଦାସ ପ୍ରମୁଖଙ୍କ ସହ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ନିର୍ବାଚନୀ ପରିଚାଳନା ଲାଗି ତାଲିମ

**ଆନନ୍ଦପୁର/ଚମ୍ପୁଆ, ୧୯।୨(ସ୍ୱ.ପ୍ର./ଡି,ଏନ.ଏ.)**

ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ନିର୍ବାଚନକୁ ନିର୍ଭୁଲ ଭାବେ ପରିଚାଳନା କରିବା ପାଇଁ ନିୟୋଜିତ ମାଷ୍ଟର୍ ଟ୍ରେନରଙ୍କ ଦ୍ୱାରା ସ୍ଥାନୀୟ ବ୍ଲକ ଓ କୃଷି ବିଭାଗ ପରିସରରେ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ ୧୬ରୁ ଆରମ୍ଭ ହୋଇଥିବା ବେଳେ ୨୦ରେ ଶେଷ ହେବ। ଏହି କାର୍ଯ୍ୟକ୍ରମରେ ନିର୍ବାଚନରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଅଫିସର୍ ଏବଂ ଫାଷ୍ଟ ପୋଲିଂ ଅଫିସରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଇଭିଏମ୍ ପରିଚାଳନା ଠାରୁ ଆରମ୍ଭ କରି ନିର୍ବାଚନ ପରିଚାଳନା ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରାଯିବା ସହିତ ହ୍ୟାଣ୍ଡ ବୁକ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଏବିଇଓ ଚତୁର୍ଭୁଜ ପହି ଉପସ୍ଥିତ ଥିଲେ। ଆନନ୍ଦପୁର ବିଡିଓ ଶୁଭ୍ରବାଳା ବେହେରା, ସମାଜ ମଙ୍ଗଳ ଅଧିକାରୀ ଆଲୋକ ମାଝୀ, ଯନ୍ତ୍ରୀ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦପୁର ବ୍ଲକ ଏପିଇଓ ପ୍ରତାପ କୁମାର ସାହୁ ଉପସ୍ଥିତ ପ୍ରିଜାଇଡିଂ ଅଫିସର ଏବଂ ଫାଷ୍ଟ ପୋଲିଂ ଅଫିସରଙ୍କୁ ସ୍ଲାଇଡ୍ ମାଧ୍ୟମରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଭିମନ୍ୟୁ ପାତ୍ର, ଶ୍ରୀକାନ୍ତ ନାଥ ଏବଂ ଅନ୍ୟ ବ୍ଲକ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

ସେହିପରି ଚମ୍ପୁଆ ୨୫ ଏବଂ ପାଟଣା ୨୩ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ଉପଖଣ୍ଡ ଅଧୀନରେ ଥିବା ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, ସାହାରପଡ଼ା, ପାଟଣା ବ୍ଲକ ପରିସରରେ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ସାହାରପଡ଼ା ବ୍ଲକ୍‌ରେ ବିଡିଓ ଭାଗୀରଥୀ ମଲ୍ଲିକ, ସହକାରୀ ଜିଲାପାଳ ସପନ କୁମାର ସାହୁ, ପାଟଣା ବିଡିଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଯୋଡ଼ା ବ୍ଲକ୍‌ରେ ବିଡିଓ କ୍ଷୀରୋଦ କୁମାର ବେହେରା, ସହକାରୀ ଜିଲାପାଳ ଚାରୁଲତା ସିଂ, ବଡ଼ବିଲ ଅତିରିକ୍ତ ତହସିଲଦାର ଅଭିଷେକ ପଣ୍ଡା, ଝୁମ୍ପୁରା ବ୍ଲକ୍‌ରେ ବିଡିଓ ଜୟଶ୍ରୀ ବେଉରା, ପାଟଣା ବ୍ଲକ୍‌ରେ ତହସିଲଦାର ଲମ୍ବୋଦର ଖୁଣ୍ଟିଆ, ଅତିରିକ୍ତ ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର, ଏବିଡିଓ ପ୍ରଫୁଲ୍ଲ କୁମାର ନାଏକ, ମାଷ୍ଟର ଟ୍ରେନର ଭାବେ ଚମ୍ପୁଆ ବିଡିଓ ନୁପୂର ଚାନ୍ଦଗୋଟିଆ, ଅତିରିକ୍ତ ବିଡିଓ ଶରତ ବାରିକ ଏବଂ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।



ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମକର୍ତ୍ତା।